

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୬୬ ● ୨୭ ଅକ୍ଟୋବର ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-266 ● 27th October 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

Ministry of Home Affairs
Government of India

CBC 19101/13/0020/2627

ଭାରତକୁ ନକ୍ସଲମୁକ୍ତ କରିବାରେ ଯେଉଁମାନେ ଯୋଗଦାନ କରିଥିଲେ
ସମ୍ମାନ ଫଳକରେ ସେହି ବୀରମାନଙ୍କ ପାଇଁ ଏକ ବାର୍ତ୍ତା ଲେଖନ୍ତୁ ଏବଂ ଏହାକୁ ଅନଲାଇନରେ ସେୟାର କରନ୍ତୁ

ଆନ୍ତରିକ ସୁରକ୍ଷା ବଳକୁ ସମ୍ମାନ

ଏକ ସ୍ଥାନରେ ଏକତାର ଅନେକ ରଙ୍ଗ ଦେଖନ୍ତୁ

Rashtriya Ekta Diwas 31st OCTOBER, 2026

ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ

ଭାରତ ପର୍ବ
୧ ରୁ ୧୫ ନଭେମ୍ବର,୨୦୨୬
ଏକତା ନଗର, ଗୁଜରାଟ

ସୂଚନା ଏବଂ ରହଣିର ବୁକିଂ ପାଇଁ rashtriyaektadiwas.comକୁ ସ୍କାନ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ



ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ




# ମାଡି ଆସୁଛି ବାତ୍ୟା 'ଅର୍ଣ୍ଣବ'

## ଆନ୍ଧ୍ରର ବାପଟଲା-ବିଶାଖାପାଟଣା ମଧ୍ୟରେ ଲ୍ୟାଣ୍ଡଫଲ

ଭୁବନେଶ୍ୱର, ୨୫।୧୦

ନ୍ୟୁଜ୍ ବ୍ୟୁରୋ

ଗଭୀର ସମୁଦ୍ରରୁ ବଳ ଗୋଟାଇ ଉପକୂଳ ମୁହାଁ ହେଉଛି ବାତ୍ୟା 'ଅର୍ଣ୍ଣବ'। ବାତ୍ୟା ଗଭୀର ଅବପାତର ରୂପ ନେଇ ଆଗକୁ ମାଡି ଚାଲିଛି। ଏହାର ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ୧୪୦ କି.ମିରୁ ଊର୍ଦ୍ଧ୍ୱ ବେଗରେ ପବନ ବହିବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା 'ଅର୍ଣ୍ଣବ' ଆସନ୍ତା ୨୮ ତାରିଖ ବେଳକୁ ଅତି ଭୟଙ୍କର ଘୂର୍ଣ୍ଣିବାତ୍ୟାର ରୂପ ନେଇ ଆନ୍ଧ୍ର ପ୍ରଦେଶ ଉପକୂଳକୁ ଛୁଇଁବାର ଆଶଙ୍କା ଥିବାରୁ କେନ୍ଦ୍ର ସରକାର ସୋମବାର ଏନେଇ ପ୍ରସ୍ତୁତି ସମୀକ୍ଷା କରିବା ସହ ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡ଼ିକୁ ସର୍ବନିମ୍ନ ଜୀବନହାନି ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ର କ୍ୟାବିନେଟ ସଚିବ ଟି. ଭି. ସୋମନାଥନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ସଙ୍କଟ ପରିଚାଳନା କମିଟି (ଏନ. ସି. ଏମ. ସି.) ର ବୈଠକରେ ବାତ୍ୟା ମୁକାବିଲା ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଶ୍ରୀ ସୋମନାଥନ ଅଧିକାରୀମାନଙ୍କୁ ବାତ୍ୟା ସମୟରେ ଯେପରି କୌଣସି ଜୀବନହାନି ନହୁଏ ଏବଂ ସମ୍ପତି ତଥା ଭିତ୍ତିଭୂମିର କ୍ଷୟକ୍ଷତି ସର୍ବନିମ୍ନ ସ୍ତରରେ ରହେ ସେଥିପ୍ରତି ସତର୍କତା ଓ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଛନ୍ତି। କୌଣସି କ୍ଷୟକ୍ଷତି ହେଲେ ଯଥାଶୀଘ୍ର ଅତ୍ୟାବଶ୍ୟକ (ପୃଷ୍ଠା ୭ରେ)





■ ଆଜିଠୁ ତିନି ଦିନ ଓଡ଼ିଶାରେ ପ୍ରବଳ ବର୍ଷା
■ ଆବଶ୍ୟକ ସହାୟତା ଯୋଗାଇବାକୁ କେନ୍ଦ୍ରର ପ୍ରତିଶ୍ରୁତି

### ଭୟଭୀତ ହେବାର ଆବଶ୍ୟକତା ନାହିଁ : ଏସ୍ଆରସି

ଭୁବନେଶ୍ୱର, ୨୫।୧୦

ନ୍ୟୁଜ୍ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା ନେଇ ପ୍ରତିକ୍ରିୟା ରଖିଛନ୍ତି ଏସଆରସି । (ପୃଷ୍ଠା ୭ରେ)

### କଳାବଜାରୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫।୧୦ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ଖାଉଟି ମାନଙ୍କ ସୁବିଧା ପାଇଁ ଅତ୍ୟାବଶ୍ୟକୀୟ (ପୃଷ୍ଠା ୭ରେ)

# ମୋଦୀ-ଜୟଶଙ୍କର-ଥରୁରଙ୍କ ସହ ଇରାନ ପ୍ରତିନିଧିଙ୍କ ସାକ୍ଷାତ୍

ନୂଆଦିଲ୍ଲୀ, ୨୫।୧୦

ସୋମବାର ଭାରତର କୂଟନୈତିକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ କଂଗ୍ରେସ ସାଂସଦ ଶଶି ଥରୁର ଇରାନର ସଂସଦୀୟ ପ୍ରତିନିଧିମଣ୍ଡଳିଙ୍କୁ ଭେଟିଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ୧୨ତମ ବ୍ରିକ୍ସ ସଂସଦୀୟ ମଞ୍ଚ ଅବସରରେ ଏହି ସାକ୍ଷାତକାର ହୋଇଛି । ଭାରତରେ ଥିବା ଇରାନ ଦୂତାବାସ ସୋସିଆଲ ମିଡିଆରେ ଏହି ସାକ୍ଷାତକାରର ଫଟୋ ସେୟାର କରିଛି । ପଶ୍ଚିମ ଏସିଆରେ ଉତ୍ତେଜନା ଜାରି ରହିଥିବା ବେଳେ ଭାରତ ଓ ଇରାନର ପ୍ରତିନିଧିଙ୍କ ମଧ୍ୟରେ ଏହି ଯୋଗାଯୋଗକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି । ତେବେ ଏହି ସାକ୍ଷାତକାର ସମ୍ପର୍କରେ ଇରାନ ଦୂତାବାସ ପକ୍ଷରୁ କୌଣସି ନୂଆ ଚୁକ୍ତି କିମ୍ବା ବିଶେଷ ଘୋଷଣା ସମ୍ପର୍କରେ ସୂଚନା ଦିଆଯାଇନାହିଁ।

ଭାରତର ଆୟୋଜନରେ ୨୬ ଓ ୨୭ ତାରିଖରେ ନୂଆଦିଲ୍ଲୀସ୍ଥିତ ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ୧୨ତମ ବ୍ରିକ୍ସ ସଂସଦୀୟ ମଞ୍ଚ ଅନୁଷ୍ଠିତ ହେଉଛି । ଏହି ମଞ୍ଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ସ୍ୱାର୍ଥକୁ



ଏହି ସାକ୍ଷାତକାରର ବିଶେଷତ୍ୱ ହେଉଛି, ଏଥିରେ କେନ୍ଦ୍ର ସରକାରଙ୍କ ପ୍ରମୁଖ ପ୍ରତିନିଧିଙ୍କ ସହ ବିରୋଧୀ ଦଳର ବରିଷ୍ଠ ସାଂସଦ ଶଶି ଥରୁର ମଧ୍ୟ ସାମିଲ ହୋଇଥିଲେ । ବର୍ତ୍ତମାନ ପ୍ରାଥମିକତା ଦେଉଥିବା ସଂସଦୀୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା । ଏହି ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ସଂସଦୀୟ ପ୍ରତିନିଧିମାନେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଅରୁଣାଚଳ ପ୍ରଦେଶର ହିଂସା ପ୍ରଭାବିତ ପାସିଘାଟରେ ଆରଏଏଫ୍ ମୁତୟନ।
- ରେଳମନ୍ତ୍ରୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜୟପୁର-ଚୀତାନଗର-ସାନ୍ତ୍ରାଗାଛି ଏକ୍ସପ୍ରେସର ଶୁଭାରମ୍ଭ।
- ରାହୁଲ ଗାନ୍ଧୀଙ୍କ କାରକେଡରେ ଥିବା ଗାଡ଼ିଗୁଡ଼ିକ ମଧ୍ୟରେ ଧକ୍କା ଘଟଣାର ତଦନ୍ତ ପାଇଁ ଏସ୍ଆଇଟି ଗଠନ।
- ଫିଲିପାଇନ୍ସରେ ଅକ୍ଟୋବର ୨୮-୨୯ରେ ଆସିଆନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ, ଯୋଗଦେବେ ରାଜନାଥ ସିଂହ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୭୫ (+୧୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୮୫ (+୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୦୬ (+୧୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୨୦ (+୦)

# ୨.୧୨ ଲକ୍ଷ କୋଟିର ଯୁଦ୍ଧାସ୍ତ୍ର କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୨୫।୧୦

ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ଆଧୁନିକ ତୋପ ପ୍ରଣାଳୀ, ହେଲିକପ୍ଟର, ଏୟାର ଡିଫେନ୍ସ ସିଷ୍ଟମ୍, ନିରୀକ୍ଷଣ ଉପକରଣ ଏବଂ ଦୂରଗାମୀ ଆକ୍ରମଣକାରୀ ଡ୍ରୋନ୍ ସାମିଲ ରହିଛି। ଏହି ଉପକରଣଗୁଡ଼ିକ (ପୃଷ୍ଠା ୭ରେ)



# ଗୌହାଟିର ହୋଟେଲରେ ଗୁଳିକାଣ୍ଡ: ୪ ମୃତ

ଗୌହାଟି, ୨୫।୧୦

ଆସାମର ଗୌହାଟିସ୍ଥିତ ଏକ ହୋଟେଲ ଉପରେ ସୋମବାର ରାତିରେ ଗୁଳିମାଡ଼ ହୋଇଛି। ରାତି ପ୍ରାୟ ୯ଟା ସମୟରେ ଲଚିତ୍ ନଗରସ୍ଥିତ ଏକ 'ହୋଟେଲ ବିଲାସ୍ ଇନ୍'ରେ ଘଟିଥିବା ଏହି ଗୁଳିକାଣ୍ଡରେ ଅତିକମରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ଗୌହାଟି ପୁଲିସ କମିଶନର ଏହି ମୃତ୍ୟୁ ଘଟଣାକୁ ନିଶ୍ଚିତ କରିଛନ୍ତି। ଆସାମ ପୁଲିସ କହିଛି ବୋରା ସର୍ଭିସ୍ ନିକଟରେ ଗୁଳି ଚାଳନା ହୋଇଛି। ପୁଲିସ ଏବଂ ଆମ୍ବୁଲାନ୍ସ ତୁରନ୍ତ (ପୃଷ୍ଠା ୭ରେ)




# ସ୍ୱଚ୍ଛତାର ସହ କର୍ତ୍ତବ୍ୟ ସମ୍ପାଦନ ପାଇଁ ଶପଥ ପାଠ କରାଇଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୨୫।୧୦

ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ "ସାଧୁତାର ଶପଥ" ପାଠ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ସତର୍କତା ଆୟୋଗଙ୍କ ପ୍ରଦତ୍ତ ନିର୍ଦ୍ଦେଶନାମା ଅନୁସାରେ ସାରା ଦେଶରେ ଅକ୍ଟୋବର ୨୬ରୁ ୧ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଥିବା ବେଳେ ଲୋକସେବା (ପୃଷ୍ଠା ୭ରେ)

# ତାମିଲନାଡୁରେ ପ୍ରବଳ ବର୍ଷା ବଜ୍ରପାତରେ ୧୪ ମୃତ

ଚେନ୍ନାଇ, ୨୫।୧୦

ତାମିଲନାଡୁରେ ପ୍ରବଳ ବର୍ଷା ଓ ବଜ୍ରପାତରେ ୧୪ ଜଣଙ୍କ ମୃତ୍ୟୁ ସହ ସାଧାରଣ ଜନଜୀବନ ବାଧାପ୍ରାପ୍ତ ହୋଇଛି। ବର୍ଷା ଓ ଭୂସ୍ଖଳନ ଯୋଗୁ ରାଜ୍ୟର କେତେକ ଲୋକପ୍ରିୟ ପାହାଡ଼ିଆ ପର୍ଯ୍ୟଟନସ୍ଥଳୀକୁ ଯିବା ପାଇଁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ପାଣିପାଗ ବିଭାଗ ପକ୍ଷରୁ ମଧ୍ୟ ରେଡ୍ ଆଲର୍ଟ ଜାରି ହୋଇଛି।

## ଏକାଳ ପଖାଳ



ଜନତା ପାଖରେ ପହଞ୍ଚିବ ଜନେ
ଏଥରଠୁ ପ୍ରଶାସନ
ରାଜଧାନୀର ବାହାରେ ଏଥର
ହେବ କ୍ୟାବିନେଟ୍ ଧନ
କିଣିବାକୁ ଜନମନ
ଶାସନ ପହଞ୍ଚି ସହରଠୁ ଗାଁ
କରିଦେବ ସମାଧାନ!!

# ୟୁଏଇ ଉପକୂଳରେ ତେଲ ଲିକ୍, କଳା ପଡ଼ିଲା ସମୁଦ୍ର ଜଳ



ନୂଆଦିଲ୍ଲୀ, ୨୫।୧୦

ସଂଯୁକ୍ତ ଆରବ ଏମିରେଟ୍ସ ଉପକୂଳ ନିକଟରେ ତୈଳ ଲିକ୍ ଘଟଣା ଏବେ ଗମ୍ଭୀର ରୂପ ନେବାକୁ ଲାଗିଛି। ସମୁଦ୍ର ଜଳରେ ତେଲର ଆସ୍ତରଣ କ୍ରମାଗତ ଭାବେ ବ୍ୟାପିବାରେ ଲାଗିଛି। ୟୁରୋପୀୟ ସଂଘର କୋପର୍ନିକସ୍ ସାଟେଲାଇଟ୍ ନେଟୱାର୍କ ପକ୍ଷରୁ ଅକ୍ଟୋବର ୨୪ ତାରିଖରେ ନିଆଯାଇଥିବା ଉପଗ୍ରହ ଚିତ୍ରରେ ତୈଳ ଆସ୍ତରଣର ପରିମାଣ ବଢୁଥିବା ଦେଖାଯାଇଛି। ଏହା ଉତ୍ତର ଏମିରେଟ୍ ଉମ୍ମ ଅଲ୍ କ୍ୱେନ୍ ଉପକୂଳ ନିକଟରେ ପହଞ୍ଚିଥିବାରୁ ସାମୁଦ୍ରିକ ପରିବେଶ ପ୍ରତି ବିପଦ ବଢ଼ିଛି। ସୁରକ୍ଷା ଦୃଷ୍ଟିରୁ ଅନେକ ସମୁଦ୍ର ବେଳାଭୂମିକୁ ବନ୍ଦ କରାଯାଇଛି।

ୟୁଏଇର ଜଳବାୟୁ ପରିବର୍ତ୍ତନ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା ଯେ, ଉପକୂଳଠାରୁ ଦୂରରେ ଥିବା ଏକ ତୈଳ ଟ୍ୟାଙ୍କରରୁ ଲିକ୍ ହେଉଥିବା ତେଲକୁ ରୋକିବା ପାଇଁ ଉଦ୍ୟମ ଚାଲିଛି। ଏହାସହ ପରିବେଶ ଉପରେ ତୈଳ ଲିକର ପ୍ରଭାବ ଆକଳନ କରାଯାଉଛି। ଉମ୍ମ ଅଲ୍ କ୍ୱେନ୍ ସହରର ସମସ୍ତ ସମୁଦ୍ର ବେଳାଭୂମି ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ଅସ୍ଥାୟୀ ଭାବେ ବନ୍ଦ କରାଯାଇଛି। ପଡ଼ୋଶୀ ଏମିରେଟ୍ ସାରଜାର ଅଲ୍ ହମରିୟା ବିଚ୍‌ରେ ମଧ୍ୟ ଲୋକଙ୍କ ପ୍ରବେଶ (ପୃଷ୍ଠା ୭ରେ)

# ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ କେନ୍ଦ୍ରର ଉଦ୍‌ବେଗ

ନୂଆଦିଲ୍ଲୀ, ୨୫।୧୦

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଉଦ୍‌ବେଗ ପ୍ରକାଶ କରିଛି । ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କୁ ଲେଖାଯାଇଥିବା ଏହି ଚିଠିରେ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି କେମିତି ଅଛି ସେ ସମ୍ପର୍କରେ ଦର୍ଶାଯାଇଛି। ରାଜ୍ୟରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି, ପୁଲିସ ହାଜତରେ ହେଉଥିବା ହିଂସା, ଭିଡ଼ ହିଂସା, ପୁଲିସର କ୍ଷମତା ଅପବ୍ୟବହାର ଭଳି ମାମଲାକୁ ନେଇ ଚିନ୍ତା ପ୍ରକାଶ କରିଛି ଗୃହ ମନ୍ତ୍ରଣାଳୟ।

ବିଭିନ୍ନ ଅଭିଯୋଗକାରୀ ଓ ସଂସ୍ଥାମାନଙ୍କ ନିକଟରୁ ଅନେକ ଅଭିଯୋଗ ପାଇବା ପରେ ରାଜ୍ୟ ସରକାରଙ୍କୁ ଏସବୁ ମାମଲାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇ ଚିଠି ଲେଖିଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ। ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଦିନ ରାଜ୍ୟରେ ହତ୍ୟା, ମହିଳା ବିରୋଧୀ ହିଂସା, ଜଘନ୍ୟ ଅପରାଧ ଘଟଣା ବୃଦ୍ଧି ପାଉଛି ।

କେନ୍ଦ୍ର ପାଖରେ ମାଳମାଳ ଅଭିଯୋଗ ପରେ ଡିଜିପିଙ୍କୁ ରିପୋର୍ଟ ମାଗିଲେ ରାଜ୍ୟ ସରକାର। ବାଲିଅନ୍ତାରେ (ପୃଷ୍ଠା ୭ରେ)

32 YEARS
ଭୁବନେଶ୍ୱର, ୨୭ ଅକ୍ଟୋବର ୨୦୨୬ ମଙ୍ଗଳବାର





# ସମ୍ଭାବ୍ୟ ବାତ୍ୟା ଓ ବର୍ଷା କ୍ଷୟକ୍ଷତି ପାଇଁ କୃଷି ପରାମର୍ଶ ଜାରି

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଓ ଅବପାତର ପ୍ରଭାବରେ ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ବଲାଙ୍ଗୀର ଜିଲ୍ଲାରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷି ପରାମର୍ଶ ଜାରି କରାଯାଇଛି। ପରାମର୍ଶ ଅନୁଯାୟୀ, ୮୦ରୁ ୮୫ ପ୍ରତିଶତ ପାଚିଯାଇଥିବା ଧାନକୁ ବର୍ଷା ପୂର୍ବରୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାକୁ ଚାଷୀଙ୍କୁ କୁହାଯାଇଛି। ଅମଳ ଧାନକୁ ସ୍ଥାନାନ୍ତର କରିବା ସମ୍ଭବ ନହେଲେ ପଲିଥିନ୍‌ରେ ଘୋଡ଼ାଇ ରଖିବା ସହ ଜମିରୁ ଜଳ ନିଷ୍କାସନ ପାଇଁ ନାଳୀ କରିବାକୁ ପରାମର୍ଶ ଦିଆଯାଇଛି। ବର୍ଷା ସମୟରେ ସାର ପ୍ରୟୋଗ ଓ କୀଟନାଶକ ସିଂଚନ ସାମୟିକ ଭାବେ ବନ୍ଦ ରଖିବାକୁ ମଧ୍ୟ କୁହାଯାଇଛି। ସେହିପରି, ମକା, ମାଣ୍ଡିଆ, ମୁଗ ଓ ବିରି ଭଳି ଅମଳ ଉପଯୋଗୀ ଫସଲ ସମେତ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିନେବାକୁ ପରାମର୍ଶ ଦିଆଯାଇଛି। ଆଖୁ ଗଛ ଉପୁଡ଼ିବା କିମ୍ବା ଭାଙ୍ଗିପଡ଼ିବା ଆଶଙ୍କା ଏଡ଼ାଇବା ପାଇଁ ଗଛଗୁଡ଼ିକୁ ବାନ୍ଧି ରଖିବା ସହ କଦଳୀ ଓ ଅମୃତଭଣ୍ଡା ଗଛକୁ ବାଡ଼ି କିମ୍ବା ବାଉଁଶ ସାହାଯ୍ୟରେ ଆଧାର ଦେବାକୁ କୁହାଯାଇଛି। ପନିପରିବା ଜମିରେ ଜଳ ଜମି ରହିଲେ ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ସହ ଫସଲକୁ ରୋଗପୋକ ଦାଉରୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ଜଳ ବିଭାଜିକା ପ୍ରକଳ୍ପ, ଚେକ୍‌ଡ୍ୟାମ୍, ମାଟିବନ୍ଧ ଓ କ୍ଷେତ ପୋଖରୀଗୁଡ଼ିକର ସ୍ଥିତି ଯାଂଚ କରିବା ସହ ଆବଶ୍ୟକ ମରାମତି କରାଯିବ। ଜଳ ନିଷ୍କାସନ ନାଳୀ ସଫା କରିବା, ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଆବର୍ଜନା ହଟାଇବା ଏବଂ ବିପଦପ୍ରବଣ ସ୍ଥାନଗୁଡ଼ିକ ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆଯିବ।

## ପୂଜା କମିଟି ତରଫରୁ ରାଜ୍ୟ ସରକାର ଓ କେନ୍ଦ୍ରାପଡା ବିଧାୟକଙ୍କୁ କୃତଜ୍ଞତା



**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

ଓଡିଶା ପ୍ରସିଦ୍ଧ କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ଶତବର୍ଷ ପାଳନ କରୁଥିବାବେଳେ ପୂଜା କମିଟି ପକ୍ଷରୁ ରାତି ୧୨ଟା ପର୍ଯ୍ୟନ୍ତ ଲାଉଡ୍ ସ୍ପିକର, ମାଇକ୍ ବଜାଇବା ଓ ସଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଜିଲ୍ଲାପାଳଙ୍କ ପାଖରୁ ଅନୁମତି ମାଗିଥିଲେ। କିନ୍ତୁ ଜିଲ୍ଲାପ୍ରଶାସନ ରାତି ୧୨ଟା ପର୍ଯ୍ୟନ୍ତ ଅନୁମତି ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଏ ନେଇ କେନ୍ଦ୍ରାପଡା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ରାଜ୍ୟ ସରକାରଙ୍କୁ ପତ୍ର ଲେଖି ରାତି ୧୨ଟା ପର୍ଯ୍ୟନ୍ତ ମାଇକ୍ ବ୍ୟବହାର ପାଇଁ ଅନୁରୋଧ କରିଥିଲେ। ଯାହାଫଳରେ ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ଗ୍ରହଣ କରି ରାତି ୧୨ଟା ପର୍ଯ୍ୟନ୍ତ ମାଇକ୍ ଓ ଲାଉଡ୍ ସ୍ପିକର୍ ବ୍ୟବହାର କରିବା ସହ ସଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ଅନୁମତି ପ୍ରଦାନ କରୁଥିବାରୁ କେନ୍ଦ୍ରୀୟ ପୂଜା କମିଟିର ସଭାପତି ଯୁଗଳ ବେହେରାଙ୍କ ସମେତ ଅଶୋକ କୁମାର ଲେଙ୍କା, ଭାବଗ୍ରାହୀ ସିଂ, ହାଡିବନ୍ଧୁ ସିଂ, ସୁବାସ ସାହୁ, ଅନନ୍ତ କର, ଶୁଭେନ୍ଦୁ ବାରିକ, ନରେନ୍ଦ୍ର ସାହୁ ପ୍ରମୁଖ ମାନ୍ୟବର କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଓ ରାଜ୍ୟସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଅଜୟ ଦାଶ ସ୍ମାରକୀ ସଭାକୁ ବ୍ୟାପକ ଓ ଶୃଙ୍ଖଳିତ କରାଯିବ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ଅମ୍ବିକାସାହି ସ୍ଥିତ ସ୍ୱର୍ଗତ ଅଜୟ ଦାଶଙ୍କ ବାସଭବନ ପରିସରରେ ଅଜୟ ଦାଶ ସ୍ମୃତି କମିଟି ପକ୍ଷରୁ ଆଗାମୀ ୧୫ତମ ସ୍ମାରକୀ ସଭା ଆୟୋଜନ ନିମନ୍ତେ ଏକ ପ୍ରାକ-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଚଳିତ ବର୍ଷର ସ୍ମାରକୀ ସଭାକୁ ବ୍ୟାପକ ତଥା ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ପରମ୍ପରା ଅନୁଯାୟୀ, ଚଳିତ ବର୍ଷ ମଧ୍ୟ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଭିନ୍ନ ବର୍ଗର ୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ। ଏଥିସହ ରାଜନୀତି କ୍ଷେତ୍ରରେ ମୟୂରଭଞ୍ଜ ମାଟିର ଗୌରବ ବୃଦ୍ଧି କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ କଳା, ସାହିତ୍ୟ, କ୍ରୀଡ଼ା ଓ ଅଣ-ସରକାରୀ ସଂଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ଅବନୀ କୁମାର ମହାନ୍ତି, ଡ ମୋହିତ ଷଡ଼ଙ୍ଗୀ, କଳ୍ପନା ଷଡ଼ଙ୍ଗୀ, ରାଜେଶ ଷଡ଼ଙ୍ଗୀ, ଲେଖକ ଆଶିଷ ବସା, ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ, ମନୋରଞ୍ଜନ ପଟ୍ଟନାୟକ, ସତ୍ୟବ୍ରତ ମହାନ୍ତି, ସାମାଜିକ କର୍ମୀ ଜ୍ଞାନରଞ୍ଜନ ଦାଶ, ଜୟନ୍ତ ପଣ୍ଡା, ଅଜୟ ମିଶ୍ରଙ୍କ ସମେତ ସ୍ୱର୍ଗତ ଦାଶଙ୍କ ଧର୍ମପତ୍ନୀ ସୁମତି ବାଳା ଦାଶ, ପୁତ୍ର ସନତ କୁମାର ଦାଶ, ନାତି ଅଂଶୁମାନ ଦାଶ ଓ ପୁତୁରା ଦେବିଦତ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପରିବାର ପକ୍ଷରୁ ଦେବିଦତ୍ତ ଦାଶ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ଚଳିତ ବନ୍ୟାରେ ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ ଅବସ୍ଥା ଶୋଚନୀୟ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବନ୍ୟା ପରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର କେତେକ ସ୍ଥାନରେ ସଙ୍କଟାପନ୍ନ ସ୍ଥିତି ଦେଖିବାକୁ ମିଳିଛି।ଏହି ମୁଖ୍ୟ ସଡକର ସୂର୍ଯ୍ୟପୁର ଠାରୁ ପାୟାସାହି ପର୍ଯ୍ୟନ୍ତ ପ୍ରାୟ ଗୋଟିଏ କିଲୋମିଟର ସଡ଼କ ପାର୍ଶ୍ୱ ବନ୍ୟାରେ ଧୋଇଯାଇ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି।ଖାଇ ଯାଇଥିବା ଅଂଶକୁ ପଥର ଦେଇ ପଥଚାରୀଙ୍କୁ ସଡ଼କର ସୀମା ଚିହ୍ନାଇବାକୁ ଛାଡି ଦିଆଯାଇଛି। ବନ୍ୟା ଛାଡିବାର ଗୋଟିଏ ମାସ ପରେ ମଧ୍ୟ ରାସ୍ତା ମରାମତି ଦିଗରେ ଆଖିଦୃଶିଆ ପଦକ୍ଷେପ ନନିଆଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଭଦ୍ରକ-ଆରଡ଼ି ୩୫ ନମ୍ବର ରାଜ୍ୟ ରାଜପଥର ପାୟାସାହିଠାରୁ ସୂର୍ଯ୍ୟପୁର ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ୟାଜଳର ପ୍ରବଳ ସ୍ରୋତରେ ଧୋଇ ଯାଇଛି। ରାସ୍ତାର ପ୍ରାୟ ୩/୪ ଫୁଟ ଅଂଶ ଧୋଇ ଯିବା ପରେ ଖାଲ ହୋଇ ଯାତାୟାତ ବିପଜ୍ଜନକ ହୋଇପଡ଼ିଛି। ରାସ୍ତାର ଏହି ଦୁର୍ବଳ ଖଣ୍ଡିଆ ପାର୍ଶ୍ୱ ଦେଇ ଗାଡ଼ି ଚଳାଚଳ କରିବା ସମୟରେ ଭାରସାମ୍ୟ ହରାଇବାର ଆଶଙ୍କା ରହିଛି। ବିଶେଷକରି ରାତିରେ ଅନ୍ଧାର ମଧ୍ୟରେ ଏହି ସ୍ଥାନ ଦେଇ ଯିବାଆସିବା କରିବା ଅଧିକ ବିପଦପୂର୍ଣ୍ଣ ହୋଇପଡୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ଏଭଳି ଗୁରୁତର ଅବସ୍ଥା ସତ୍ତ୍ୱେ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ବିପଦପୂର୍ଣ୍ଣ ସ୍ଥାନରେ କେତେକ ପଥର ଖଣ୍ଡ ରଖାଯାଇଥିଲେ ମଧ୍ୟ ସେଥିରେ ଧଳାରଙ୍ଗ ଦିଆଯାଇନାହିଁ। ଆବଶ୍ୟକ ସ୍ଥାନରେ ପଥର ମଧ୍ୟ ନାହିଁ। ଫଳରେ ଦୂରରୁ ରାସ୍ତାର ବିପଦପୂର୍ଣ୍ଣ ସ୍ଥିତି ଜାଣିବା କଷ୍ଟକର ହେଉଛି। ଦୁର୍ଘଟଣା ରୋକିବା ପାଇଁ ଅସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଓ ସତର୍କ ସୂଚନା ଫଳକ ଲଗାଇବାରେ ବିଭାଗୀୟ ଅବହେଳାକୁ ନେଇ ଅସନ୍ତୋଷ ବଢୁଛି। ଏହି ରାସ୍ତା ଦେଇ ପ୍ରତିଦିନ ଆରଡ଼ିସ୍ଥିତ ପ୍ରସିଦ୍ଧ ଆଖଣ୍ଡଳମଣି ପୀଠକୁ ଶହଶହ ଯାନବାହନ ଯାତାୟାତ କରୁଛି। ଦୁଇଚକିଆ ଯାନ ସହ ଟ୍ରାକ୍ଟର ଓ ମାଲବାହୀ ଗାଡ଼ି ଚଳାଚଳ କରୁଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା



ଘଟିବାର ଆଶଙ୍କା ରହିଛି। ଜିଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପାୟାସାହି ଗ୍ରାମବାସୀ ମାନେ ତୁରନ୍ତ ରାସ୍ତା ମରାମତି କରିବା ସହ ଉଭୟ ପାର୍ଶ୍ୱରେ ସତର୍କ ସୂଚନା ଫଳକ ଲଗାଇବାକୁ ଦାବି କରିଛନ୍ତି।ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାରି ବର୍ଷ ମଧ୍ୟରେ ଶେଷ ହୋଇ ପାରିନଥିଲା ବେଳେ ଏବେର ସ୍ଥିତି ବିପଦ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ନବଘନ ମାରାଣ୍ଡି ରାସ୍ତାଙ୍କ ପ୍ରତିକ୍ରିୟା ନିଆଯାଇଥିଲା।ସଡ଼କ ନଷ୍ଟ ହୋଇଥିବା ନେଇ ବିଭାଗ ଅବଗତ ଥିବା କହିବା ସହ ଖୁବ୍‌ଶୀଘ୍ର ସତର୍କ ସୂଚନା ଫଳକ ଲଗାଯିବ ବୋଲି ପ୍ରକାଶ କରିଛନ୍ତି।

## ନଭେମ୍ବର ୫ ଓ ୬ରେ କଟକ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ

**କଟକ, ନ୍ୟୁଜ୍ ବ୍ୟୁରୋ**

ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ-୨୦୨୬ର ତାରିଖ ପରିବର୍ତ୍ତନ କରାଯାଇଛି। ନଭେମ୍ବର ୫ ଓ ୬ ତାରିଖରେ କଟକ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ୍‌ଠାରେ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନଭେମ୍ବର ୫ ତାରିଖ ସକାଳ ୯ଟାରୁ ଚିତ୍ରକଳା, ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରତିଯୋଗିତା ହେବ। ସେହିପରି ନଭେମ୍ବର ୬ ତାରିଖ ସକାଳ ୯ଟାରୁ ନୁକ୍କଡ଼ ନାଟକ ଓ କବିତା ଲିଖନ ପ୍ରତିଯୋଗିତା ଆୟୋଜିତ ହେବ। ଚଳିତ ବର୍ଷର ସମସ୍ତ ସାଂସ୍କୃତିକ ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ରହିଛି "ନିଶାମୁକ୍ତ ଯୁବ, ବିକଶିତ ଭାରତ"। ୧୭ ଅଗଷ୍ଟ ୨୦୨୬ ସୁଦ୍ଧା ୧୫ରୁ ୨୯ ବର୍ଷ ବୟସର ଯୁବକଯୁବତୀ ଏଥିରେ ଭାଗ ନେଇପାରିବେ। ପ୍ରତିଯୋଗୀମାନେ କେବଳ ଗୋଟିଏ ବିଭାଗରେ ଅଂଶଗ୍ରହଣ କରିପାରିବେ। ପୂର୍ବବର୍ଷ ସାଂସ୍କୃତିକ ବିଭାଗରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ଚଳିତ ବର୍ଷ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସମସ୍ତ ପ୍ରତିଯୋଗୀଙ୍କ ପାଇଁ ଗଣ ପୋର୍ଟାଲ୍‌ରେ ପଞ୍ଜୀକରଣ ବାଧ୍ୟତାମୂଳକ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରୁଥିବା ଦଳଗତ ବିଭାଗର ବିଜେତାମାନଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର ୫୦୦ ଓ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ବ୍ୟକ୍ତିଗତ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୩ ହଜାର, ୨ ହଜାର ଓ ୧ ହଜାର ଟଙ୍କା ପୁରସ୍କାର ରହିଛି। ଅଂଶଗ୍ରହଣକାରୀଙ୍କୁ ଯାତାୟାତ ଓ ଦୈନିକ ଭତ୍ତା (ଟିଏ/ଡିଏ) ମଧ୍ୟ ପ୍ରଦାନ କରାଯିବ। ପ୍ରତିଯୋଗିତାରେ ମନୋନୀତ ଶ୍ରେଷ୍ଠ ଦଳ ଓ ବ୍ୟକ୍ତିଗତ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବାର ସୁଯୋଗ ପାଇବେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବିନୋଦ ଜୀ ଅଗ୍ରୱାଲଙ୍କୁ ଶ୍ରଦ୍ଧାଞ୍ଜଳି



**ବରଗଡ, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ, ବରଗଡ଼ ପକ୍ଷରୁ ସଂଘର ଆଜୀବନ ସଦସ୍ୟ ସ୍ୱର୍ଗୀୟ ବିନୋଦ ଜୀ ଅଗ୍ରୱାଲ ଙ୍କ ସ୍ମୃତିରେ ଏକ ଶୋକ ସଭା ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ତାଙ୍କ ବାସଭବନ ରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ସଂଘର ସଭାପତି କେଦାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଗୋବିନ୍ଦ ଦାଶ,କୋଷାଧକ୍ଷ ପ୍ରସନ୍ନ ପ୍ରଧାନ,ସର୍ଦାର ପ୍ରିତମ ସିଂ, ରାଜେନ୍ଦ୍ର ଲାଠ, ସ୍ୱାଧୀନ ମହାରଣା, ଦେବୀ ପଟ୍ଟନାୟକ, ଗୋପାଳ ଚନ୍ଦ୍ର ଦାଶ, ଶ୍ରଦ୍ଧାକର ଭୋଇ, ଲଳିତ ବିଶି ପ୍ରମୁଖ ଯୋଗଦାନ କରି ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବକ୍ତାମାନେ କହିଥିଲେ ଯେ, ସ୍ୱର୍ଗୀୟ ଅଗ୍ରୱାଲଙ୍କ ସମ୍ପୂର୍ଣ୍ଣ ଜୀବନ ସେବା ଓ ସମର୍ପଣର ପ୍ରତୀକ ଥିଲା। ସଂଘର ପ୍ରତ୍ୟେକ ବୈଠକ ଓ ସାମାଜିକ କାର୍ଯ୍ୟରେ ତାଙ୍କର ସକ୍ରିୟ ଉପସ୍ଥିତି ସମସ୍ତଙ୍କୁ ପ୍ରେରଣା ଯୋଗାଉଥିଲା। ତାଙ୍କ ବିୟୋଗରେ ସଂଘ ଜଣେ ସଚ୍ଚା, କର୍ମଠ ଓ ସକ୍ରିୟ ସଦସ୍ୟଙ୍କୁ ହରାଇଲା ବୋଲି ମତପ୍ରକାଶ କରାଯାଇଥିଲା। ଶେଷରେ ଦିବଙ୍ଗତ ପୁଣ୍ୟାତ୍ମାଙ୍କ ଆତ୍ମାର ଶାନ୍ତି ଏବଂ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

## ବହୁଜନ ସମାଜ ପାର୍ଟିର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବହୁଜନ ସମାଜ ପାର୍ଟି ଶାଖା ତରଫରୁ ଏକ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଜିଲ୍ଲା ସଭାପତି କ୍ଷୀରୋଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବହୁଜନ ସମାଜ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ମଧୁସୁଦନ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ଆଇନ୍‌ଜିବୀ ରାଜ୍ୟ ସାଧାରଣ ସମ୍ପାଦକ ତଥା ଭଦ୍ରକ ଜୋନ୍ ମୁଖ୍ୟ ପ୍ରଭାରୀ ରଞ୍ଜନ କୁମାର ମଲ୍ଲିକ ମୁଖ୍ୟ ବକ୍ତା, ଆଇନ୍‌ଜିବୀ ପୂର୍ବତନ ରାଜ୍ୟ ସମ୍ପାଦକ ଲୋକସଭା ପ୍ରଭାରୀ କେନ୍ଦ୍ରାପଡା ଅକ୍ଷୟ କୁମାର ମଲ୍ଲିକ ସମ୍ମାନୀତ ଅତିଥି, ଅଶୋକ କୁମାର ସେଠୀ,ମଳୟ କେତନ ଦାସ, ସମ୍ପାଦିକା ରଶ୍ମିତା ବିଶ୍ୱାଳ, ଦିଲ୍ଲୀପ



ରାଉତରାୟ, ଜିଲ୍ଲା ଉପସଭାପତି, ପାକଟୁରା ବିଧାନସଭା ପ୍ରଭାରୀ କିଶୋର ମଲ୍ଲିକ, ମଧୁସୁଦନ ହୋତା (ମହାକାଳପଡା ବିଧାନସଭା ପ୍ରଭାରୀ) ପ୍ରମୁଖ ଯୋଗଦେଇ ବହୁଜନ ସମାଜ ପାର୍ଟିର କର୍ମକର୍ତ୍ତା ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ କରାଯାଇଥିଲା। ଦଳକୁ ଆଗେଇ ନେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବହୁଜନ ସମାଜ ପାର୍ଟି ଦଳିତ ଓ ସଂଖ୍ୟାଲଘୁ ମାନଙ୍କ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରି ଆସୁଛି। ଦଳର ଉନ୍ନତି ନିମନ୍ତେ ସମସ୍ତ କର୍ମକର୍ତ୍ତା ନିଜ ସ୍ତରରେ ଚେଷ୍ଟା କରିବା ପାଇଁ ମୁଖ୍ୟ ବକ୍ତା ମଲ୍ଲିକ ଆହ୍ୱାନ ଦେଇଥିଲେ। ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଦୁର ବିଶ୍ୱାଳ, ଧୀରେନ୍ଦ୍ର ମଲ୍ଲିକ, ପ୍ରଦୀପ ମଲ୍ଲିକ, ଅନିଲ୍ ଘଡାଇ, ଚର୍ତୁଭୁଜ କାଣ୍ଡି, ମିନତୀ ମଲ୍ଲିକ ପ୍ରମୁଖ ଉପସ୍ତିତ ଥିବାବେଳେ ଶୁଶାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାନ୍ତି କମିଟି ପକ୍ଷରୁ ସୁନ୍ଦରାକାଣ୍ଡ ପାରାୟଣ ଓ ହରିହାଟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ନାରାୟଣନଗର ଗ୍ରାମରେ ଲକ୍ଷ୍ମୀପ୍ରସାଦ ଗ୍ରାମ୍ୟ ଶାନ୍ତି କମିଟି ପକ୍ଷରୁ ଭଜନ ଓ ସୁନ୍ଦରାକାଣ୍ଡ ପାରାୟଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନାରାୟଣନଗର ଯୁଗ୍ମ ମନ୍ଦିରରୁ ପ୍ରଭୁ ଶ୍ରୀରାମଙ୍କୁ ନାମ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ପୂଜାମଣ୍ଡପକୁ ଅଣାଯାଇଥିଲା । ଏହାପରେ ପୂଜକ ଅଜିତ କୁମାର ପାଣିଗ୍ରାହୀ ପୂଜା କାର୍ଯ୍ୟକ୍ରମ ତୁଲାଇଥିବା ବେଳେ କର୍ତ୍ତା ଭାବେ ନବ କିଶୋର ମେହେର ଓ ତାଙ୍କ ଧର୍ମପତ୍ନୀ ଅଳି ମେହେର ଦାୟିତ୍ୱ ତୁଲାଇଥିଲେ। ପୁରାଣ ଗାୟିକା ବୈଷ୍ଣବୀ ପୁରୋହିତ ଯୋଗଦାନ କରି ଭଗବାନଙ୍କ କଥାମୃତ ଗାନ କରିଥିଲେ । ଏଥିରେ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗଦାନ କରି ପ୍ରଭୁଙ୍କ କୃପା ଲାଭ କରିଥିଲେ । ଏହାପରେ ହରିହାଟ କରାଯାଇ ଶହ ଶହ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । ଏଥିରେ ଶାନ୍ତି କମିଟିର ସମସ୍ତ ସଦସ୍ୟ ଓ ନାରାୟଣନଗର ଗ୍ରାମବାସୀ ସହଯୋଗ କରିଥିଲେ ।



## ସିଙ୍ଗସାରି ପଞ୍ଚାୟତରେ ବିଜେପିର ମିଶ୍ରଣ ପର୍ବ: ବହୁ କର୍ମୀ ଯୋଗ ଦେଲେ



**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ବ୍ଲକ ଅନ୍ତର୍ଗତ ସିଙ୍ଗସାରି ପଞ୍ଚାୟତର ପ୍ରସିଦ୍ଧ ମା' ବିଡ୍ରି ପୀଠରେ ଭାରତୀୟ ଜନତା ପାର୍ଟିର ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ଓ କଂଗ୍ରେସ ଦଳର ବହୁ ବରିଷ୍ଠ କର୍ମୀ ଭାରତୀୟ ଜନତା ପାର୍ଟିର ନୀତି, ଆଦର୍ଶ ଏବଂ ଜନସେବା ପ୍ରତି ଆସ୍ଥା ପ୍ରକଟ କରି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ମିଶ୍ରଣ ପର୍ବ ଅବସରରେ ନୂତନ ଭାବେ ଦଳରେ ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ, ଟୋପି ଓ ପୁଷ୍ପଗୁଚ୍ଛ ଦେଇ ବିଜେପି ପରିବାରକୁ ହାର୍ଦ୍ଦିକ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝରୀଗାଁ ବିଧାୟକ ନରସିଂହ ଭତରା, ଚେୟାରମ୍ୟାନ ବାସନ୍ତୀ ମାଝୀ, ବଡ଼ଭରଣ୍ଡୀ ମଣ୍ଡଳ ସଭାପତି ଈଶ୍ୱର ଭତ୍ରା ଏବଂ ଖାଣ୍ଡା ମଣ୍ଡଳ ସଭାପତି ଉତ୍ତମ ହରିଜନଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସଭାରେ ଉପସ୍ଥିତ ଅତିଥିମାନେ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇବା ସହ ଏହି ମିଶ୍ରଣ ଦ୍ୱାରା ଅଞ୍ଚଳରେ ଦଳୀୟ ସଂଗଠନ ଆହୁରି ସୁଦୃଢ଼ ଓ ମଜବୁତ ହେବ ବୋଲି ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ସାମାଜିକ ସମ୍ପର୍କରେ ଉଜ୍ଜ୍ୱଳ ନକ୍ଷେତ୍ର ଥିଲେ ବୁଢ଼ା ଦାଦା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର କ୍ରୀଡ଼ା, ବ୍ୟବସାୟ ଓ ସାମାଜିକ ଜୀବନର ଏକ ପରିଚିତ ଚେହେରା, ସମସ୍ତଙ୍କ ପ୍ରିୟ 'ବୁଢ଼ା ଦାଦା' ଆଉ ନାହାନ୍ତି। ୭୨ବର୍ଷ ବୟସରେ ଜଣାଶୁଣା ବ୍ୟବସାୟୀ ତଥା କ୍ରୀଡ଼ାପ୍ରେମୀ ପୁରୁଷୋତ୍ତମ ପାଣିଗ୍ରାହୀ (ବୁଢ଼ା ଦାଦା)ଙ୍କ ପରଲୋକରେ ସମଗ୍ର ସୋନପୁର ସହରରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ କେବଳ ଏକ ପରିବାର ପାଇଁ ଅପୂରଣୀୟ କ୍ଷତି ନୁହେଁ, ବରଂ ସୋନପୁରର କ୍ରୀଡ଼ା ଜଗତ, ବ୍ୟବସାୟିକ ସମାଜ ଓ ସାମାଜିକ ସଂଗଠନଗୁଡ଼ିକ ପାଇଁ ଏକ ଅଭାବନୀୟ ଶୂନ୍ୟସ୍ଥାନ। ଗତ ୨୦ ତାରିଖଠାରୁ ସେ ସମ୍ବଲପୁର ସ୍ଥିତ ବିକାଶ ମେଡିକାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିଲେ। ହେଲେ ମୃତ୍ୟୁର ନିଷ୍ଠୁର ନିୟତି ତାଙ୍କୁ ଛଡ଼ାଇ ନେଇଛି ସମସ୍ତଙ୍କଠାରୁ। ସୁବର୍ଣ୍ଣପୁର ଜିଲ୍ଲା ବସ୍ ସଂଘର ପ୍ରାକ୍ତନ ସଭାପତି ଭାବେ ଦୀର୍ଘବର୍ଷ ଧରି ନେତୃତ୍ୱ ନେଇଥିବା ଶ୍ରୀ ପାଣିଗ୍ରାହୀ ବର୍ତ୍ତମାନ ବୌଦ୍ଧ, ସୋନପୁର ଓ ବଲାଙ୍ଗୀର ଜୋନ୍‌ର ସମ୍ପାଦକ ଦାୟିତ୍ୱରେ ରହିଥିଲେ।

## କ୍ରୋମନଗର ବିଦ୍ୟାପୀଠର ୧୯୯୨ ବ୍ୟାଚ୍‌ର ବନ୍ଧୁ ମିଳନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ବ୍ୟାସନଗରସ୍ଥିତ କ୍ରୋମନଗର ବିଦ୍ୟାପୀଠର ୧୯୯୨ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ଗତ ୨୪ ଅକ୍ଟୋବରରେ ବ୍ୟାସନଗରସ୍ଥିତ ରାଜମହଲଠାରେ ଆନନ୍ଦ ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୪ ବର୍ଷ ପରେ ଏକାଠି ହୋଇଥିବା ସହପାଠୀମାନେ ପରସ୍ପରକୁ ଭେଟି ପୁରୁଣା ସ୍କୁଲ୍ ଜୀବନର ସ୍ମୃତିକୁ ମନେ ପକାଇଥିଲେ । ଶ୍ରେଣୀଗୃହର ମଜାମସ୍ତି, ସାଙ୍ଗସାଥୀଙ୍କ ସହ ବିତାଇଥିବା ସମୟ, ଶିକ୍ଷକମାନଙ୍କ ସ୍ନେହ ଓ ଶାସନ ଏବଂ ବିଦ୍ୟାଳୟ ଜୀବନର ଅଭୁଲା ଅନୁଭୂତିକୁ ମନେ ପକାଇ ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ।ଜୀବନର ବିଭିନ୍ନ କ୍ଷେତ୍ରରେ ନିଜ ନିଜର କର୍ମମୟ ଜୀବନ ବିତାଉଥିବା ପୁରାତନ ସହପାଠୀମାନଙ୍କୁ ଏକ ମଞ୍ଚରେ ଏକାଠି କରିବା ସହ ଏହି କାର୍ଯ୍ୟକ୍ରମ ପୁରୁଣା ବନ୍ଧୁତାକୁ ପୁନର୍ଜୀବିତ କରିଥିଲା। ପରସ୍ପରର ସୁଖଦୁଃଖ ବାଣ୍ଟିବା ସହ ଆଗାମୀ ଦିନରେ ଏହି ବନ୍ଧୁତାକୁ ଅତୁଟ ରଖିବା ଏବଂ ନିୟମିତ ବ୍ୟବଧାନରେ ପୁନର୍ମିଳନ ଆୟୋଜନ କରିବାକୁ ସହପାଠୀମାନେ ଆଗ୍ରହ ପ୍ରକାଶ କରିଥିଲେ । ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ପୁରୁଣା ବନ୍ଧୁମାନଙ୍କ ସହ ଏହି ମିଳନ ଉତ୍ସବରେ ସାମିଲ ହେବା ସମସ୍ତଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ହୋଇଥିଲା। ଏହି ବନ୍ଧୁମିଳନ କେବଳ ଏକ ସାଧାରଣ ସମାବେଶ ନଥିଲା, ବରଂ ଦୀର୍ଘ ୩୪ ବର୍ଷର ବନ୍ଧୁତା, ସ୍ନେହ ଓ ଆତ୍ମୀୟତାର ଏକ ସୁନ୍ଦର ପ୍ରତିଫଳନ ଥିଲା।କାର୍ଯ୍ୟକ୍ରମ ଶେଷରେ ସମସ୍ତ ସହପାଠୀ ପୁଣିଥରେ ଏକାଠି ହେବାର ଆଶା ନେଇ ପରସ୍ପରଠାରୁ ବିଦାୟ ନେଇଥିଲେ । ଆସନ୍ତା ୨୦୨୭ ମସିହାରେ ପୁନର୍ବାର ବନ୍ଧୁମିଳନ ଆୟୋଜନ କରିବାର ଆଶା ଏହି ଉତ୍ସବକୁ ଆହୁରି ସ୍ମରଣୀୟ କରିଥିଲା।



# ବୌଦ୍ଧ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ରୁଟ୍ ପୁନଃ ନିର୍ଦ୍ଧାରଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ରୁଟ୍ ପୁନଃନିର୍ଦ୍ଧାରଣ, ଜିଲ୍ଲା ଓ ଜିଲ୍ଲା ମଧ୍ୟରେ ଗମନାଗମନ ସଂଯୋଗକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କୁ ଉନ୍ନତ ପରିବହନ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ସଭାଗୃହରେ ଏକ ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଳଦୀପ ମୀନା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ,




ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ଓଏସଆରଟିସିର ଡିଏମ୍ ଜୟକୃଷ୍ଣ ନନ୍ଦଙ୍କ ସମେତ ସଂପୃକ୍ତ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ସରକାରୀ ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ ବସ୍‌ରୁଟ୍‌ର ପୁନଃନିର୍ଦ୍ଧାରଣ, ଜିଲ୍ଲା ମଧ୍ୟରେ ବସ୍ ସଂଯୋଗ ବ୍ୟବସ୍ଥା, ଜିଲ୍ଲା ମୁଖ୍ୟାଳୟ ବସ୍‌ଷ୍ଟାଣ୍ଡର ପ୍ରବେଶ ଓ ବ୍ୟବହାର, ପୁରୁଣା କଟକ ଏବଂ କନ୍ଧମାଳ ବସ୍‌ଷ୍ଟାଣ୍ଡକୁ ଘରୋଇ ବସ୍‌ର ପ୍ରବେଶ ବ୍ୟବସ୍ଥା ଏବଂ ସରକାରୀ ନିୟମ ଅନୁଯାୟୀ ପାର୍କିଂ ଶୁଳ୍କ ଆଦାୟ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ପୁରୁଣା କଟକ ବସ୍‌ଷ୍ଟାଣ୍ଡରେ ଥିବା ବାଣିଜ୍ୟିକ ଦୋକାନଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଲିଜ୍‌ରେ ଦେବା, ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ନିୟୋଜିତ ବର୍ତ୍ତମାନର ବିଏଲ୍‌ଏଫ୍‌ର କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ ଅତିରିକ୍ତ ବ୍ଲକ୍‌ଗୁଡ଼ିକରେ ରାଜସ୍ୱ ଆଦାୟ ପାଇଁ ଏଜେନ୍ସି ନିୟୋଜନ ନିମନ୍ତେ ବିଏଲ୍‌ଏଫ୍ ଚୟନ, ଅଧିକ ସଂଖ୍ୟାରେ ମହିଳା କଣ୍ଡକ୍ଟର ନିୟୋଜନ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଜନସାଧାରଣ, ବିଶେଷକରି ଛାତ୍ରଛାତ୍ରୀଙ୍କ ଯାତାୟତକୁ ସୁବିଧାଜନକ କରିବାପାଇଁ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟ ନିକଟରେ ନୂତନ ବସ୍‌ଷ୍ଟପ୍ ନିର୍ମାଣ କରିବା ଏବଂ ବଲାଙ୍ଗୀରରୁ ଫୁଲବାଣୀ ଅଭିମୁଖେ ଯାଉଥିବା ସକାଳ ସରକାରୀ ବସ୍ ସହ ସମୟାନୁଯାୟୀ ସଂଯୋଗ ସ୍ଥାପନ ପାଇ ଫିଡର୍ ବସ୍ ସେବା ଯୋଗାଇଦେବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜନସାଧାରଣଙ୍କୁ ସୁଗମ, ସୁରକ୍ଷିତ ଓ ଉନ୍ନତ ଗମନାଗମନ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ଉପଜିଲ୍ଲାପାଳ, ସମସ୍ତ ବିଡିଓ, ତହସିଲଦାର, ଆରଟିଓ ଏବଂ ପୋଲିସ ବିଭାଗ ମିଳିତ ଭାବେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଉନ୍ନତ ବସ୍ ସେବା ଓ ସୁସଂଗଠିତ ଗମନାଗମନ ବ୍ୟବସ୍ଥାର ସୁଫଳ ପାଇବା ପାଇଁ ଜନସାଧାରଣ ନିର୍ଦ୍ଧାରିତ ବସ୍‌ଷ୍ଟପ୍ ବ୍ୟବହାର କରିବା ସହ ପରିବହନ ନିୟମ ପାଳନ କରୁଛନ୍ତି ଏବଂ ପ୍ରଶାସନକୁ ସହଯୋଗ କରୁଛନ୍ତି ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।

ସମ୍ବାଦ କଳିକା
32 YEARS
ଭୁବନେଶ୍ୱର, ୨୭ ଅକ୍ଟୋବର, ୨୦୨୬ ମଙ୍ଗଳବାର





## କଟକ କଂଗ୍ରେସରେ ଅସନ୍ତୋଷ ତେଜିଲା

# ରାଜ୍ୟ ନେତୃତ୍ୱର ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକରେ କଂଗ୍ରେସ ସଂଗଠନକୁ ନେଇ ଦଳ ଭିତରେ ଅସନ୍ତୋଷ ବଢୁଥିବା ଚର୍ଚ୍ଚା ଜୋର୍ ଧରିଛି। ପୂର୍ବତନ ବିଧାୟକ ମହମ୍ମଦ ମୋକିମ ନୂଆ ଦଳ ଗଠନ କରିବା ଏବଂ ବିଧାୟିକା ସୋଫିଆ ଫିରଦୋସ ଦଳରୁ ନିଲମ୍ବିତ ହେବା ପରେ କଟକରେ କଂଗ୍ରେସର ସାଂଗଠନିକ ସ୍ଥିତିକୁ ନେଇ ନାନା ପ୍ରଶ୍ନ ଉଠିଛି। ଏଭଳି ସ୍ଥିତିରେ ଦଳର ନଗର ସଭାପତି ଶାନ୍ତାୟନ ମିଶ୍ରଙ୍କ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିବା ଘଟଣା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ମୋକିମ ଦଳ ଠାରୁ ଅଲଗା ହେବା ପରେ କଟକରେ କଂଗ୍ରେସର ନେତୃତ୍ୱ ଓ ସଂଗଠନକୁ ଅଧିକ ସକ୍ରିୟ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଆଶା କରାଯାଉଥିଲା। ହେଲେ କଟକ ଜିଲ୍ଲା କଂଗ୍ରେସର ସଭାପତି ଭାବେ ପ୍ରଦୀପ୍ତ କୁମାର ଦାସ ଏବଂ କଟକ ନଗର କଂଗ୍ରେସର ସଭାପତି ଭାବେ ଶାନ୍ତାୟନ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶାନ୍ତାୟନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ସଂଗଠନକୁ ଗତିଶୀଳ କରିବାକୁ ଉଦ୍ୟମ କରୁଥିବା ବେଳେ ଏବେ ସେ ନିଜେ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହିବା ଦଳ ପାଇଁ ଅଡୁଆ ସୃଷ୍ଟି କରିଛି। ସହିଦ ଭବନରେ ଆୟୋଜିତ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମକୁ ନେଇ ଏହି ଅସନ୍ତୋଷ ଆରମ୍ଭ ହୋଇଥିବା କୁହାଯାଉଛି। ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାନ୍ତାୟନଙ୍କୁ ଗୁରୁତ୍ୱ ଦିଆଯାଇନଥିବା ନେଇ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟ କିଛି ନେତାଙ୍କୁ ମଞ୍ଚରେ ଗୁରୁତ୍ୱ ମିଳିଥିବା ବେଳେ ନଗର ସଭାପତି ମଞ୍ଚକୁ ଯିବାର ସୁଯୋଗପାଇନଥିବା ଅଭିଯୋଗ ହୋଇଛି। ଏହି ଘଟଣା ପର ଠାରୁ ଶାନ୍ତାୟନ ଆଉ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉନଥିବା କୁହାଯାଉଛି। ଏପରିକି ଓଡ଼ିଶା ବନ୍ଦ ପାଳନ ସମୟରେ ମଧ୍ୟ ସେ ସାମିଲ୍ ହୋଇନଥିଲେ। ବନ୍ଦ ପାଳନ ପାଇଁ କଟକରେ ବିଭିନ୍ନ ନେତା ନିଜ ନିଜ ସ୍ତରରେ ପ୍ରସ୍ତୁତି ବୈଠକ କରିଥିଲେ ମଧ୍ୟ ସାଂଗଠନିକ ସମନ୍ୱୟର ଅଭାବ ସ୍ପଷ୍ଟ ହୋଇଥିବା ଦଳୀୟ ମହଲରେ ଆଲୋଚନା ହେଉଛି। ଶାନ୍ତାୟନ ମିଶ୍ର ନିଜ ଆଭିମୁଖ୍ୟ ସ୍ପଷ୍ଟ କରି କହିଛନ୍ତି ଯେ, ତାଙ୍କର କାହା ବିରୋଧରେ କୌଣସି ଅଭିଯୋଗନାହିଁ। ତେବେ ସେ ନଗର କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେବେନାହିଁ। ଦଳ ଯଦି ତାଙ୍କୁ ଦାୟିତ୍ୱରୁ ହଟାଇବାକୁ ଚାହେଁ, ତେବେ ନିଷ୍ପତ୍ତି ନେଇପାରିବ ବୋଲି ସେ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ଦଳୀୟ ନେତୃତ୍ୱ ପ୍ରତି ଅସନ୍ତୋଷର ସଙ୍କେତ ଭାବେ ଦେଖାଯାଉଛି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର କଟକ ଓ କଟକ ଜିଲ୍ଲାରେ ଦଳର ସ୍ଥିତି ନେଇ ଚିନ୍ତା ପ୍ରକଟ କରିଛନ୍ତି। ଆଗକୁ ପୌର ନିଗମ ନିର୍ବାଚନ ଥିବାରୁ କର୍ମୀଙ୍କୁ ଏକାଠି କରି ସଂଗଠିତ ଭାବେ କାମ କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଦଳର ଶୃଙ୍ଖଳିତ କର୍ମୀ ଭାବେ ସେମାନେ କଂଗ୍ରେସରେ ରହିଛନ୍ତି ଏବଂ ଆଗକୁ ମଧ୍ୟ ଦଳୀୟ ନେତୃତ୍ୱ ଦେଉଥିବା ଦାୟିତ୍ୱ ତୁଲାଇବାକୁ ପ୍ରସ୍ତୁତ। କଟକ ମହାନଗର ନିଗମରେ କଂଗ୍ରେସର ଆଠ ଜଣ କର୍ପୋରେଟର ଥିବା ସତ୍ତ୍ୱେ ସଂଗଠନରେ ସମନ୍ୱୟ ଓ ନେତୃତ୍ୱକୁ ନେଇ ଉଠୁଥିବା ପ୍ରଶ୍ନ ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆଗାମୀ ଦିନରେ ରାଜ୍ୟ ନେତୃତ୍ୱ କଟକର ସାଂଗଠନିକ ସ୍ଥିତି ସୁଧାରିବା ଏବଂ ଅସନ୍ତୁଷ୍ଟ ନେତା ଓ କର୍ମୀଙ୍କୁ ଏକାଠି ରଖିବା ପାଇଁ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ନଜର ରହିଛି।

## ଅବକାରୀ ଚଢ଼ଉ:ବିପୁଳ ମଦ ଓ ପୋଚ ଜବତ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ଗଡପଦର ଜଙ୍ଗଲରେ ଅବକାରୀ ଚଢଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଚଢଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ୍ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୪ ଶହ ଲିଟର ପୋଚ ଓ ୨୬୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଅଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି।

# ବିପୁଳ ବାଣ ଓ ବିସ୍ଫୋରକ ଜବତ:ଘର ମାଲିକ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ସହରର ପୁରୁଣା ଦୈନିକ ବଜାର ନିକଟସ୍ଥ କେଉଟସାହି ଅଞ୍ଚଳରେ ବେଆଇନ୍ ଭାବେ ବାଣ ତିଆରି ଓ ବିକ୍ରି ଅଭିଯୋଗରେ ପୋଲିସ ଚଢଉ କରି ବିପୁଳ ପରିମାଣର ବାଣ ସମେତ ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ଘର ମାଲିକ କାଳିଆ ବାରିକ (୫୮)ଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୧ ତାରିଖ ରାତିରେ ବୌଦ୍ଧ ସହରରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ ଚାଲିଥିବା ବେଳେ ବେଆଇନ୍ ବାଣ କାରବାର ସମ୍ପର୍କରେ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ଏସ୍ଆଇ ବି.ଏମ୍. ଲୋଇ ଓ ପୋଲିସ କର୍ମଚାରୀଙ୍କ ଏକ ଟିମ୍ ସମ୍ପୃକ୍ତ ସ୍ଥାନରେ ଚଢଉ କରିଥିଲେ। ଚଢଉ ସମୟରେ କେଉଟସାହି ଦୈନିକ ବଜାର ଅଞ୍ଚଳର ବାସିନ୍ଦା କାଳିଆ ବାରିକଙ୍କୁ ଅଟକ ରଖି ତାଙ୍କ ନିକଟରୁ ବିପୁଳ ପରିମାଣର ବାଣ ଓ ବାଣ ତିଆରି ସାମଗ୍ରୀ ଜବତ କରାଯାଇଥିଲା। ଜବତ ସାମଗ୍ରୀ ମଧ୍ୟରେ ବାଣ ସହ କଳା ବାରୁଦ, ବିଭିନ୍ନ ପ୍ରକାର ପାଇପ୍, କାଠଗୁଣ୍ଡ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ବୌଦ୍ଧ ଥାନାରେ କେସ୍ ନମ୍ବର ୪୮୨/ ୨୦୨୬ରେ ମାମଲା ରୁଜୁ ହୋଇଛି। ଜନବସତିପୂର୍ଣ୍ଣ ସହରାଞ୍ଚଳରେ ଏଭଳି ବିସ୍ଫୋରକ ସାମଗ୍ରୀ ରଖାଯିବା ଘଟଣା ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଛି। ବିଶେଷକରି ଦୀପାବଳି ପୂର୍ବରୁ ବେଆଇନ୍ ବାଣ ତିଆରି ଓ ବିକ୍ରି ଉପରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଗୁରୁତ୍ୱ ବହନ କରୁଛି। ଜବତ ସାମଗ୍ରୀର ସଠିକ୍ ପରିମାଣ ଓ ମୂଲ୍ୟ ସମ୍ପର୍କରେ ତଥ୍ୟ ମିଳିନାହିଁ। ଘଟଣାର ଅନ୍ୟାନ୍ୟ ଦିଗ ନେଇ ପୋଲିସର ତଦନ୍ତ ଜାରି ରହିଛି।

# ବୈତରଣୀ ନଦୀର ମାଟିବନ୍ଧ ଧସିଲା:ପାଣିରେ ପଡ଼ିବ ୧୦ କୋଟି ଟଙ୍କା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ସୁନ୍ଦରପୁର ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ବୈତରଣୀ ନଦୀର ମାଟି ବନ୍ଧରେ ଗତ ଶନିବାର ବିରାଟକାୟ ପ୍ରାୟ ୩ ଶହ ଫୁଟ ଲମ୍ବର ଫାଟ ସୃଷ୍ଟି ହେବା ସହ ୩ ଫୁଟ ନଦୀ ଆଡ଼କୁ ଧସିବାରେ ଲାଗିଥିଲା। ହେଲେ ରବିବାର ସେହି ସ୍ଥାନରେ ପୁଣି ବଡବଡ ଫାଟ ସୃଷ୍ଟି ହେବା ସହିତ ନଦୀ ଆଡ଼କୁ ୫ ଫୁଟ ତଳକୁ ଧସିଯାଇଛି। ଏପରି ନଦୀବନ୍ଧ ବାରମ୍ବାର ଧସୁଥିବାରୁ ଭୟଭିତ ହୋଇପଡିଛନ୍ତି ନଦୀକୂଳରେ ବସବାସ କରୁଥିବା ପରିବାର। ତାହା ସହ ଯଦି ଏହି ନଦୀବନ୍ଧ ସମ୍ପୂର୍ଣ୍ଣ ଧସିଯାଏ ତାହାଲେ ସୁନ୍ଦରପୁର ଗାଁ ସହ ୪ଟି ପଞ୍ଚାୟତ ଆରଡି, ଓଳଗ, ସୁନ୍ଦରପୁର, ନାନ୍ଦପୁର ଅଞ୍ଚଳର ୨୪ଟି ଗାଁର ଲୋକଙ୍କର ବହୁ କ୍ଷତି ଘଟିବ। ଏପରିକି ଗତ ୨ ବର୍ଷ ମଧ୍ୟରେ ନଦୀବନ୍ଧ ସୁଦୃଢ଼କରଣ ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଇ ମାଟି ପ୍ୟାକିଙ୍ଗ କରାଯାଇଥିଲା। ହେଲେ ଯାହାକିଛି କାମ ହୋଇଥିଲା ତାହା ଠିକ୍ ଭାବେ କାର୍ଯ୍ୟ ହୋଇନଥିବାରୁ ଆଜି ଏପରି ସମସ୍ୟା ଦେଖାଦେଲା ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି। ଏପରିକି ନଦୀବନ୍ଧର ଯଦି ସ୍ଥାୟୀ ମରାମତି କରାନଯାଏ ତାହାଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗାଁ ଲୋକ ଚେତାବନୀ ଦେଇଛନ୍ତି। ଏପରି ସମସ୍ୟା ବାବଦରେ ଧାମନଗର ଜଳସମ୍ପଦ ବିଭାଗର କନିଷ୍ଠଯନ୍ତ୍ରୀ ବିମଳ ପ୍ରସାଦ ବେହେରାଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ଦୁର୍ବଳ ନଦୀବନ୍ଧ ଉପରେ ନଜର ରଖାଯାଇଛି। ଖୁବ୍‌ଶିଘ୍ର ଉପରିସ୍ଥ ଅଧିକାରୀ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧାନ କରିବେ। ଅନ୍ୟପଟେ ଆଗକୁ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ବର୍ଷା ସହ ସମୁଦ୍ର ଜୁଆର ନଦୀରେ ପ୍ରବାହିତ ହେବ। ଯଦି ନଦୀବନ୍ଧର ମରାମତି କରାନଯାଏ ତାହାଲେ ବର୍ଷା ଓ ଜୁଆର ପାଣିରେ ନଦୀବନ୍ଧ ଅତ୍ୟଧିକ କ୍ଷତିଗ୍ରସ୍ତ ହେବ ବୋଲି ଗାଁର ପୁରୁଖା ଲୋକ କହିଛନ୍ତି।

## ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ତତ୍ପରତା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ଆଗୁଆ ସତର୍କତାମୂଳକ ପ୍ରସ୍ତୁତି ନେଇ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ବୈଠକରେ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବିପଦସଙ୍କୁଳ ଏବଂ ତଳିଆ ଅଞ୍ଚଳଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀକାଳୀନ ସେବା ଓ ରିଲିଫ୍ ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପର୍ଯ୍ୟାପ୍ତ ରିଲିଫ୍ ସାମଗ୍ରୀ, ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସେବା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଆର୍ ଆଣ୍ଡ ବି ବିଭାଗକୁ ରାସ୍ତାଘାଟର ସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି। ଯାତାୟାତ ପାଇଁ ଅନୁପଯୁକ୍ତ ବା ବିପଦପୂର୍ଣ୍ଣ ରାସ୍ତାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ବନ୍ଦ କରାଯିବ ଏବଂ ବିକଳ୍ପ ରାସ୍ତାରେ ଯାତାୟାତ ସୁଗମ କରାଯିବ। ସାଧାରଣ ଜନତାଙ୍କ ପାଇଁ ସୂଚନା ଯାତାୟାତ ଓ ପାଣିପାଗ ସମ୍ବନ୍ଧୀୟ ଆଗୁଆ ସତର୍କ ସୂଚନା ଜନସାଧାରଣଙ୍କୁ ନିୟମିତ ଭାବେ ଅବଗତ କରାଯିବ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତ୍ୱରିତ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଗୁଜବରୁ ଦୂରେଇ ରହିବା ସହ ପ୍ରଶାସନିକ ନିର୍ଦ୍ଦେଶାବଳୀ ଓ ସତର୍କ ସୂଚନା ପାଳନ କରିବାକୁ ଅନୁରୋଧ କରାଯାଇଛି।

## ଗଜଲକ୍ଷ୍ମୀ ପୂଜା ଆରମ୍ଭ:ଗଙ୍ଗା ଆବାହନ, ଘଟ ସ୍ଥାପନ ଓ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**



ଧର୍ମୀୟ ଭାବନା, ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଦିଗପହଣ୍ଡି ସହର ଉପକଣ୍ଠସ୍ଥ ନୀଳାଦ୍ରି ବିହାରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଅବସରରେ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ପୂଜାର ପ୍ରଥମ ଦିନରେ ଅଞ୍ଚଳେଶ୍ୱରୀ ପୀଠର ପୁଷ୍କରିଣୀରୁ ବିଧିବିଧାନ ଅନୁଯାୟୀ ଗଙ୍ଗା ଆବାହନ କରାଯାଇ ଗଙ୍ଗା ଘଟ ସ୍ଥାପନ କରାଯାଇଥିଲା। ଏହାପରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ମୁଖ ଉନ୍ମୋଚନ କରାଯାଇଥିବା ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ଏହି ପୂଜା ଅନୁଷ୍ଠାନର ପଞ୍ଚମ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ମା' ଗଜଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ସହସ୍ରାର୍ଚ୍ଚନା ସହ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନର ବ୍ୟବସ୍ଥା ହୋଇଛି। ଆସନ୍ତା ୨୬ ତାରିଖରେ ପୂଜାର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ବେଦ ବିଭୂଷଣ ବେଦମୂର୍ତ୍ତି ପଣ୍ଡିତ ସମ୍ଭବ କୁମାର ତ୍ରିପାଠୀ ଶର୍ମା ସୂଚନା ଦେଇଛନ୍ତି। ମା' ଗଜଲକ୍ଷ୍ମୀଙ୍କ ପୂଜା ଧନ, ଧାନ୍ୟ, ସମୃଦ୍ଧି, ସୁଖ ଓ ଶାନ୍ତିର ପ୍ରତୀକ ଭାବେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶେଷ ମହତ୍ତ୍ୱ ବହନ କରେ। ଏହି ପୂଜା ମାଧ୍ୟମରେ ଅଞ୍ଚଳବାସୀଙ୍କ ମଧ୍ୟରେ ଧାର୍ମିକ ଭାବନା ସହ ସାମାଜିକ ଏକତା ଓ ଭାଇଚାରାର ବାର୍ତ୍ତା ପ୍ରସାରିତ ହେଉଛି। ପୂଜା ପରିଚାଳନା ପାଇଁ ଗଠିତ କମିଟିର ସଭାପତି ଭାବେ ଦାମୋଦର ପାଢ଼ୀ, ସମ୍ପାଦକ ଭାବେ କୈଳାସ ଦାସ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଭାକର ପାଣିଗ୍ରାହୀ ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ କର୍ତ୍ତା ଭାବେ ଦେବାଶିଷ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ସାଇପ୍ରିୟା ପଣ୍ଡା ପୂଜା କାର୍ଯ୍ୟରେ ସାମିଲ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁଦାମ ଦାସ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ଶିବାଶିଷ ଦାସ, ରବି ନାରାୟଣ ପାଢ଼ୀ ଓ ପିଙ୍କି ଜଗନ୍ନାଥ ପ୍ରମୁଖ ପୂଜା ଆୟୋଜନ ଓ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ଦୈନିକ ପ୍ରସାଦ ସେବନ କାର୍ଯ୍ୟ ରହିବା ସହ ଆଗାମୀ ୨୬ ତାରିଖରେ ପୂର୍ଣ୍ଣାହୁତି ହେବାକୁ ଥିବାରୁ ଏହି ଧାର୍ମିକ ଉତ୍ସବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଜାରି ରହିଛି।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଧ୍ୱଜା ରୋହଣ:ଶଙ୍ଖ, ଘଣ୍ଟା, ହୁଳହୁଳିରେ କମ୍ପିଲା ପୀଠ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଦାନୀପାଲି ରଣେଶ୍ୱର ରାମଚଣ୍ଡୀ ମନ୍ଦିରେ ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ରବିବାର ଦିନ ରଣେଶ୍ୱର ରାମଚଣ୍ଡୀଙ୍କର ସ୍ୱତନ୍ତ୍ର ପୂଜା, ହୋମ ଯଜ୍ଞ, ମହାଆଳତି, ଧ୍ୱଜା ରୋହଣ ସହ ରାମଚଣ୍ଡୀ ଦିବସ ପାଳନ ସୂଚନା ଯୋଗ୍ୟ ପ୍ରାୟ ୧୩୦୦ ମସିହା ଏହି ତିଥିରେ ବୌଦ୍ଧ ଜିଲ୍ଲା ସରସରା ରାମଚଣ୍ଡୀଙ୍କ ପ୍ରଥମ ପୀଠରେ ରାମଚଣ୍ଡୀଙ୍କର ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ତିଥିକୁ ରାମଚଣ୍ଡୀ ଦିବସ ରୂପେ ପାଳିତ ହୋଇ ଆସୁଛି/ଦାନୀପାଲି ମନ୍ଦିରରେ ରାମଚଣ୍ଡୀ ଦିବସ ପାଇଁ ପୂଜକ ମାନଙ୍କ ଦ୍ୱାରା ରଣେଶ୍ୱର ରାମଚଣ୍ଡୀଙ୍କର ନୂତନ ବସ୍ତ୍ର ଶୃଙ୍ଗାର ପରେ ସକାଳୁ ଦେବ ଦେବୀଙ୍କ ସ୍ନାନ କରାଯାଇ ହୋମ ଯଜ୍ଞ, ମହାଆଳତି ଏବଂ ନୂତନ ଧଣ୍ଡା ମନ୍ଦିର ଶିଖରେ ଲଗାଯାଇଥିଲା । ଶଙ୍ଖ ଘଣ୍ଟ ହୁଳହୁଳିରେ ମୁଖରିତ ହୋଇ ଉଠିଥିଲା ଦେବବ୍ରତ ବାରିକ ମନ୍ଦିର ଶିଖରେ ଧଣ୍ଡା ଲଗାଇ ଥିଲେ ଏବଂ ରାମଚଣ୍ଡୀ ଦିବସ ଅବସରରେ ବିଶେଷ ପୂଜା ହୋଇଥିଲା । ବିଶେଷ ରୂପରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି । ଏହି ମନ୍ଦିର ପୂଜା କାର୍ଯ୍ୟ ଏବଂ ହୋମ କାର୍ଯ୍ୟ ପୂଜକ ଦେବୀପ୍ରସାଦ ଭୋଇ ଏବଂ ସୁଦାମ ପ୍ରଧାନ ଦ୍ୱାରା ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀକୃଷ୍ଣ ପ୍ରଧାନ - ସୁକାନ୍ତି ଗଡ଼ତିଆ ହୋମ ଯଜ୍ଞ କର୍ତ୍ତା ହୋଇଥିଲେ /ସଭାପତି କୃପାସିନ୍ଧୁ ଖମାରି ରାମଚଣ୍ଡୀ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅକ୍ଷୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ସମାରୁ ବାରିକ, ପ୍ରଦୀପ କୁମାର ସାହୁ, ଆନନ୍ଦ କୁମାର ପ୍ରଧାନ, ମୁରଲୀ ପ୍ରଧାନ, ଜଟାଭୂଷଣ ସାହୁ, ଟଙ୍କଧର ବାରିକ, ଦେବୋତ୍ତମ ପ୍ରଧାନ, ସୁପ୍ରଭା ପ୍ରଧାନ, କ୍ଷୀରୋଦ ପ୍ରଧାନ, ସରୋଜ ସାହୁ, ଅଭିରାମ ଖମାରୀ, ରଘୁମଣୀ ପାତ୍ର, ନୋବେଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାଉଣ୍ଡ ଜିରୋରେ ରାସ୍ତା ଓ ପୋଲ କାର୍ଯ୍ୟ ଅନୁଧ୍ୟାନ କଲେ ଜିଲ୍ଲାପାଳ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାରେ ଚାଲିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଡ଼କ, ପୋଲ ଏବଂ ସରକାରୀ ଗୃହ ନିର୍ମାଣ ପ୍ରକଳ୍ପର ଅଗ୍ରଗତି ଏବଂ ସଠିକ୍ ସ୍ଥିତି ଯାଞ୍ଚ କରିବା ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କ୍ଷେତ୍ର ପରିଦର୍ଶନ କରିଛନ୍ତି। ନିକଟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରକଳ୍ପଗୁଡ଼ିକର ବାସ୍ତବ ସ୍ଥିତି ନିଜେ ଉପସ୍ଥିତ ରହି ତଦାରଖ କରିବାକୁ ସେ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ, ଜାତୀୟ ରାଜପଥ ଡିଭିଜନ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ତଥା ଅଧିକାରୀମାନଙ୍କୁ ସାଙ୍ଗରେ ନେଇ ଜିଲ୍ଲାପାଳ ସିଧାସଳଖ ନିର୍ମାଣ ସ୍ଥଳରେ ପହଞ୍ଚି କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଶେଷ ଭାବରେ ନିର୍ମାଣାଧୀନ ଜାମେରା ବ୍ରିଜ୍ ଏବଂ ପଞ୍ଚପଡ଼ା ସ୍ଥିତ ଇବ୍ ନଦୀ ପୋଲ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ପୋଲ ନିର୍ମାଣ କାର୍ଯ୍ୟ କେତେଦୂର ଆଗେଇଛି, ନିର୍ମାଣ ସାମଗ୍ରୀର ଗୁଣବତ୍ତା କିପରି ରହିଛି ଏବଂ କାର୍ଯ୍ୟରେ କୌଣସି ଅନାବଶ୍ୟକ ବିଳମ୍ବ ଘଟୁଛି କି ନାହିଁ, ସେ ନେଇ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ୪୯ ନମ୍ବର ଜାତୀୟ ରାଜପଥ ବାଇପାସ୍ ନିର୍ମାଣ କାର୍ଯ୍ୟରେ ଜମି ଅଧିଗ୍ରହଣ ଜନିତ ସମସ୍ୟା ଉପରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଜମି ଅଧିଗ୍ରହଣ ଏବଂ ପ୍ରଶାସନିକ ପ୍ରତିବନ୍ଧକ ଗୁଡ଼ିକୁ ଆନ୍ତଃ ବିଭାଗୀୟ ସମନ୍ୱୟ ରକ୍ଷା କରି ତୁରନ୍ତ ସମାଧାନ କରିବାକୁ ସମ୍ପୃକ୍ତ ରାଜସ୍ୱ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



## ତୋରଣ, ଗେଟ୍ ଓ ହୋଡିଂହଟାଇବାକୁ ପୂଜାକମିଟି ଅମଙ୍ଗ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଅସୁରକ୍ଷିତ ଗେଟ୍ ଓ ହୋଡିଂ ହଟାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂଜା କମିଟିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୪୮ ଘଣ୍ଟା ମଧ୍ୟରେ ଏହି ଅସୁରକ୍ଷିତ ଗେଟ୍ ଓ ହୋଡିଂକୁ ହଟାଇବା ପାଇଁ ପୌର ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଛି। ଜନସାଧାରଣଙ୍କର ଧନ ଜୀବନ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ନେଇଛନ୍ତି । ବାତ୍ୟା ସମୟର ପବନ ହେବା ଫଳରେ ଏହି ଗେଟ୍ ଓ ତୋରଣଗୁଡିକ ପବନ ଦ୍ୱାରା ଓଲଟିବାର ସମ୍ଭାବନା ଥାଏ। ଏହାଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପୂଜା କମିଟିକୁ ୪୮ ଘଣ୍ଟା ମଧ୍ୟରେ ଏହାକୁ ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପୂଜା କମିଟି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏହି ତୋରଣ ଓ ଗେଟ୍ ନିର୍ମାଣ କରିବା ପାଇଁ ପ୍ରାୟ ୫ ଦିନ ଲାଗିଥାଏ। ସମ୍ଭାବ୍ୟ ବାତ୍ୟା ଦୃଷ୍ଟିରୁ ଏହି ଗେଟ୍‌କୁ ଯଦି ଖୋଲାଯାଏ ତେବେ ପୁନର୍ବାର ଏହା ନିର୍ମାଣ କରିବା ସମ୍ଭବପର ହେବନାହିଁ। ତେଣୁ ବିଭିନ୍ନ ପୂଜା କମିଟି ପକ୍ଷରୁ ଏହି ଗେଟ୍ ଓ ହୋଡିଂକୁ ଖୋଲିବା ପାଇଁ ଅମଙ୍ଗ ପ୍ରକାଶ କରିଛନ୍ତି। ଅପରପକ୍ଷେ, କେନ୍ଦ୍ରାପଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବିଭିନ୍ନ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ପ୍ରଦାନ କରାଯାଇଥାଏ। କିନ୍ତୁ ସମ୍ଭାବ୍ୟ ବାତ୍ୟା ପାଇଁ ଦୁଇଦିନ ଅସ୍ଥାୟୀ ଭାବେ ଏହି ଅନୁମତି ବନ୍ଦ ରଖାଯାଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଗଜଲକ୍ଷ୍ମୀ ପୂଜା ପାଳନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ୟବସାୟ ଅନୁଷ୍ଠାନର ପ୍ରଚାର ପ୍ରସାର ପାଇଁ ଡାକବାଜି ଯନ୍ତ୍ର (ଲାଉଡ୍ ସ୍ପିକର୍) ଅନୁମତି ନିଆଯାଇଥାଏ। ବାତ୍ୟା ପାଇଁ ଏହି ଅନୁମତି ଦୁଇଦିନ ବନ୍ଦ ରଖାଯାଇଥିବା ସୂଚନା ମିଳିଛି।

# ଭୋଟ୍ ଚୋରି ପ୍ରତିବାଦରେ ଜିଲ୍ଲା କଂଗ୍ରେସର 'ଚଲୋ ଦିଲ୍ଲୀ' ଡାକରା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଦେଶରେ ଭୋଟ୍ ଚୋରି ଘଟଣାକ୍ରମକୁ ନେଇ ଭୋଟ୍ ବଞ୍ଚାଅ-ଦେଶ ବଞ୍ଚାଅ ଶୀର୍ଷକରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କମିଶନ ଓ ଜ୍ଞାନେଶ କୁମାରଙ୍କ ଜରିଆରେ ବିଜେପି ଦ୍ୱାରା 'ଭୋଟ୍ ଚୋରି' କେନ୍ଦ୍ରର ବିଜେପି ସରକାର ନିର୍ବାଚନ କମିଶନ ବିଶେଷ କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ମାଧ୍ୟମ କରି ଦେଶରେ ଗଣତନ୍ତ୍ରର ହତ୍ୟା ଏବଂ ବ୍ୟାପକ 'ଭୋଟ୍ ଚୋରି' କରୁଛନ୍ତି। ଆଜି ସ୍ୱାଧୀନ ଭାରତର ଇତିହାସରେ ପ୍ରଥମ ଥର ପାଇଁ ନିର୍ବାଚନ କମିଶନ ନିରପେକ୍ଷ ଭାବେ କାମ ନକରି କ୍ଷମତାସୀନ ବିଜେପି ସରକାରଙ୍କ ଏକ କାଠପୁତୁଳି ସାଜିଛନ୍ତି। ଗତ ଦୁଇବର୍ଷ ହେଲା ରାହୁଲ ଗାନ୍ଧି ଯେଉଁ ଆଶଙ୍କା କରୁଥିଲେ, ମୁଖ୍ୟ ନିର୍ବାଚନ କମିସନର (ସିଇସି)ଙ୍କ ବିରୋଧରେ ଦୁଇ ନିର୍ବାଚନ ଆୟୁକ୍ତଙ୍କ ସାଂଘାତିକ ଅଭିଯୋଗ ପରେ ତାହା ସତ୍ୟ ପ୍ରମାଣିତ ହୋଇଛି। ଅନ୍ୟ ଦୁଇଜଣ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଯୋଶୀ ମୁଖ୍ୟ ନିର୍ବାଚନ କମିଶନରଙ୍କ ଏକଛତ୍ରବାଦୀ ନିଷ୍ପତ୍ତି ବିରୋଧରେ ବାରମ୍ବାର ଭିନ୍ନମତ ପ୍ରକାଶ କରିଥିଲେ ମଧ୍ୟ ତାହାକୁ ଚାପି ଦିଆଯାଇଛି। କେବଳ ବିରୋଧୀ ଦଳ ନୁହନ୍ତି, ବରଂ ନିଜେ ନିର୍ବାଚନ କମିଶନଙ୍କ ଭିତରେ ଥିବା ଦୁଇଜଣ କମିଶନର ସୁଖବୀର ସିଂ ଏବଂ ବିବେକ ଯୋଷୀ ଗତ ୧୦ ମାସରେ ୧୪ ଥର ଲିଖିତ ଭାବେ ଆପତ୍ତି ଉଠାଇଥିଲେ। ଭୋଟର ତାଲିକାରୁ ନାମ କାଟିବା, ଡାଟାବେସ୍ କେନ୍ଦ୍ରୀକରଣ ଏବଂ ସଫ୍ଟୱେର୍ ଅନିୟମିତତାକୁ ନେଇ ସେମାନେ ଦେଇଥିବା ଭିନ୍ନମତକୁ ସିଇସି ଜ୍ଞାନେଶ କୁମାର ବିଜେପିର ସ୍ୱାର୍ଥ ପାଇଁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ଆସନ୍ତା ୧ ନଭେମ୍ବରରେ ତଥା ୨୫ ଓ ୨୬ ନଭେମ୍ବରରେ ଲକ୍ଷ ଲକ୍ଷ କଂଗ୍ରେସ ନେତା ଓ କର୍ମୀ 'ଚଲୋ ଦିଲ୍ଲୀ' ଡାକରାରେ ଦିଲ୍ଲୀରେ ପହଞ୍ଚି ଗଣଆନ୍ଦୋଳନରେ ଯୋଗଦେବେ। ଏଆଇସିସି ସ୍ପଷ୍ଟ କରିଛି ଯେ ପର୍ଯ୍ୟନ୍ତ କେତେକ ନିର୍ଦ୍ଦିଷ୍ଟ ସାମ୍ବିଧାନିକ ଦାବି ପୂରଣ ହୋଇନାହିଁ, ଏହି ଆନ୍ଦୋଳନ ଜାରି ରହିବ। କଂଗ୍ରେସର ସଂକଳ୍ପ ସ୍ପଷ୍ଟ- ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବହିଷ୍କାର କରାଯାଉ, ଏହି ସାମ୍ବିଧାନିକ ସଂକଟ ସୃଷ୍ଟି କରିଥିବା ସ୍ୱତନ୍ତ୍ର ଏସ୍ ଆଇଆର୍ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଉ, ଏବଂ ଏହି ବେଆଇନ ତାଲିକା ଆଧାରରେ ହୋଇଥିବା କିମ୍ବା ହେବାକୁ ଥିବା ନିର୍ବାଚନକୁ ଅସାମ୍ବିଧାନିକ ଘୋଷଣା କରାଯାଉ । ଏଥିରେ ଓପିସିସି ସାଧାରଣ ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା କଂଗ୍ରେସ ପ୍ରଭାରୀ ବିଶ୍ୱଜିତ ଦାଶ, ଓପିସିସି ସାଧାରଣ ସମ୍ପାଦକ ନଟବର ବାରିକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ବିରିଡ଼ି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ଡ. ଜଗଦାନନ୍ଦ, ଅନନ୍ତ ଚରଣ ପୃଷ୍ଟି, ପ୍ୟାରେଶ ପାତ୍ର, ନିହାର ରଞ୍ଜନ ଦାସ, ସାଇ ପ୍ରଭଞ୍ଜନ ମହାପାତ୍ର, ସୁଶୀଲ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
**ତା୨୭।୧୦।୨୦୨୬, କାର୍ତ୍ତିକ ଦ୧୧ନ, ମଙ୍ଗଳବାର**
**ସୂର୍ଯ୍ୟୋଦୟ- ଘ ୫।୪୭।୩୮ ଚନ୍ଦ୍ରୋଦୟ- ସଂଘ୬।୦୩।୫୪**
ପ୍ରତିପଦ ପ୍ରାଘ ୭।୦୩ ଗତେ ଦ୍ୱିତୀୟା କ୍ଷୟ। ଦ୍ୱିଜା ନକ୍ଷତ୍ର ଦିଘ ୩।୪୦ ପର୍ଯ୍ୟନ୍ତ। ମେଷ ଚନ୍ଦ୍ର ରାଘ ୯।୦୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। ରାଘ ୯।୦୮ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର। ରାଘ ୯।୦୮ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ପ୍ରାଘ ୭।୦୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୦ ଗତେ ଦିଘ ୬।୩୬ ମଧ୍ୟେ । ଦିଘ ୮।୪୦ ଗତେ ଦିଘ ୧୧।୦୯ ମଧ୍ୟେ ।

**ମେଷ:** ମନରେ ଆନନ୍ଦ ଆସିବ। ବନ୍ଧୁ ସାଙ୍ଗେ ଅସହଯୋଗ। ପୁରୁଣା କାର୍ଯ୍ୟରେ ସଫଳତା ଦେଖାଦେବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଅଶାନ୍ତି ଦେଖାଦେଇପାରେ। ଦେହ ଭଲ ରହିବ।

**ବୃଷ:** ଆଧାତ୍ମିକ ଚର୍ଚ୍ଚାରେ ସମୟ ଅତିବାହିତ କରିବେ। ଦେହ ଓ ମନରେ ଶାନ୍ତି ରହିବ। ଦେବ ଦର୍ଶନ ସହିତ ପୂଜାର ସୁଯୋଗ ସୃଷ୍ଟି ହେବ। ରୋଜଗାର ଭଲ ହେବ। ଗୃହେ ଆନନ୍ଦ ଲାଭ ହେବ।

**ମିଥୁନ:** ଶରୀର ଅସୁସ୍ଥତା ଦେଖାଦେବ। ମନରେ ଅଶାନ୍ତି ଦେଖାଦେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ କଳହ ଜାତ ହେବ। ପିଲାମାନେ ସୁଖୀ ହେବେ। ମହିଳାମାନେ ଗର୍ବୀ ହେବେ।

**କର୍କଟ:** ନୂତନ ଦାୟିତ୍ୱ ହାତକୁ ଆସିପାରେ। ଦୂରକୁ ଯାତ୍ରା କରିପାରନ୍ତି। ଉତ୍ସାହ ବଢ଼ିବ। ବନ୍ଧୁ ମିଳନରେ ଆପ୍ୟାୟିତ ହେବେ। ରୋଜଗାର ବଢ଼ିବ। ଘରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେହ ଓ ମନ ଭଲ ରହିବ।

**ସିଂହ:** ଆଜି ଆପଣଙ୍କର ଦିନଟି ସେତେ ଭଲ ନୁହେଁ। ତେଣୁ ସାବଧାନ ସହକାରେ ରହିବେ। କାର୍ଯ୍ୟ ହାନୀ । ଦୁର୍ଘଟଣାର ଶିକାର ହୋଇପାରନ୍ତି। ଖର୍ଚ୍ଚର ମାତ୍ରା ଅଧିକ ହୋଇପାରେ। ଗୃହେ ଅଶାନ୍ତି ଦେଖାଦେଇପାରେ।

**କନ୍ୟା:** ଆପଣ ସବୁ ଦେଖି ଶୁଣି ନିରବ ରହିବା ଭଲ। ଅନ୍ୟଥା କଳହ ଦେଖାଦେଇପାରେ। ବନ୍ଧୁଙ୍କ ଅକାଟ୍ୟ ଯୁକ୍ତି ଗ୍ରହଣ କରି ଖୁସି ହେବେ। ପାରିବାରିକ ଆନନ୍ଦ ଦେଖାଦେବ। ଶରୀର ସୁସ୍ଥ ରହିବ।

**ତୁଳା:** ସତର୍କ ନହେଲେ ଠକାମିର ଶିକାର ହେବେ। କ୍ରୋଧ ବଢ଼ିବ। ଭୁଲାପଣ ଆପଣଙ୍କୁ ବ୍ୟଥିତ କରିବ। ଦ୍ରବ୍ୟ ନଷ୍ଟର ଆଶଙ୍କା। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଗୃହେ ଆନନ୍ଦ ଦେଖାଦେବ।

**ବିଛା:** ନିଜର ପ୍ରତିଷ୍ଠାନ ପାଇଁ ଆତ୍ମ ତୃପ୍ତି ଅନୁଭବ କରିବେ। ସାମାଜିକ କାର୍ଯ୍ୟରେ ଯୋଗଦାନ କରି ପ୍ରଶଂସା ଲାଭ କରିବେ। ଆୟରେ ଉନ୍ନତି ହେବ। ପରିବାରରେ ଶ୍ରମ ବଢ଼ିବାର ସୂଚନା। ମନ ଭଲ ରହିବ।

**ଧନୁ:** ଆୟ ଓ ବ୍ୟୟର ପରିମାଣ ସମାନ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପୁରୁଣା କାର୍ଯ୍ୟ ହାତକୁ ଆସିବ। ଆଶାବାଦୀ ହୋଇ କାର୍ଯ୍ୟ କରିବେ। ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ରହିଛି ।

**ମକର:** ଦୂରଯାତ୍ରା ସଫଳ ହେବ। ସମସ୍ତ କାର୍ଯ୍ୟରେ ସହଯୋଗ ତଥା ସୌଜନ୍ୟ ଲାଭ ହେବ। ସମସ୍ୟାର ସମାଧାନ ହେବ। ଘରେ ବନ୍ଧୁ ମିଳନର ଯୋଗ ରହୁଛି। ଆୟର ପରିମାଣ ବଢ଼ିବ। ଦେହ ଭଲ ରହିବ।

**କୁମ୍ଭ:** ନିଜର ଲୋକ ଦ୍ୱାରା ପ୍ରତାରିତ ହେବେ। କ୍ରୋଧ ମନରେ ଆସିବ। ତଥାପି ନିଜକୁ ସଂଯତ ରଖିଲେ ଭଲ। ରୋଜଗାର ପୂର୍ବପରି ରହିବ। ପରିବାରରେ ବିରକ୍ତି ପ୍ରକାଶ ପାଇବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।

**ମୀନ:** ଦୂର ସ୍ଥାନରୁ ସମ୍ବାଦ ପ୍ରାପ୍ତି। ମନରେ ଆନନ୍ଦ ଆସିବ। ଦ୍ରବ୍ୟ ଲାଭ ଯୋଗ ରହୁଛି। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପରିବାରରେ ହସ ଖୁସି ମିଳିବାର ସୂଚନା। ଉତ୍ତମ ଭୋଜନ ମିଳିବ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଦୁଇଟି ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ। ଆହତ ମହିଳା ହେଉଛନ୍ତି ଜୟପାଟଣା ଥାନା ଅନ୍ତର୍ଗତ ତୁଟିଗୁଡ଼ା ଗାଁର ରେମତି ପୂଝାରୀ (୪୨)। ସୂଚନା ଅନୁଯାୟୀ, ସେ ଗାଁ ନିକଟସ୍ଥ କେନାଲ ପାଖରେ ଛେଳି ଚରାଉଥିବା ସମୟରେ ଏକ ଆମ୍ବ ଗଛ ମୂଳରେ ବସିଥିଲେ। ଏହି ସମୟରେ ପଛପଟୁ ଦୁଇଟି ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜୟପାଟଣା । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ-୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
**ତା୨୮।୧୦।୨୦୨୬, କାର୍ତ୍ତିକ ଦ୧୨ନ, ବୁଧବାର**
**ସୂର୍ଯ୍ୟୋଦୟ- ଘ ୫।୪୮।୦୩ ଚନ୍ଦ୍ରୋଦୟ- ସଂଘ୬।୫୯।୧୨**
ତୃତୀୟା ରାଘ ୧।୦୯ ପର୍ଯ୍ୟନ୍ତ। କୃତ୍ତିକା ନକ୍ଷତ୍ର ଦିଘ ୧।୨୭ ପର୍ଯ୍ୟନ୍ତ। ବୃଷ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧।୦୯ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୦ ଗତେ ଦିଘ ୮।୦୭ ମଧ୍ୟେ । ଦିଘ ୧।୨୫ ଗତେ ଦିଘ ୩।୪୨ ମଧ୍ୟେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ମୁଣ୍ଡବ୍ୟଥା ବଢ଼ାଇବ ତୈଳଦର

ମଧ୍ୟପ୍ରାଚ୍ୟ ଉତ୍ତେଜନା ପ୍ରଭାବରେ ଅଶୋଧିତ ତୈଳ ଦର ବ୍ୟାରେଲ୍‌କୁ ୧୨୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏହା ଭାରତୀୟ ଅର୍ଥନୀତି ପ୍ରତି ସମସ୍ୟା ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଦେଶର ସାର ସବ୍‌ସିଡି ବ୍ୟୟଭାର ବୃଦ୍ଧି ପାଇବାକୁ ଯାଉଛି। ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ ସାର ସବ୍‌ସିଡି ପାଇଁ ୧.୭୦ ଲକ୍ଷ କୋଟି ଟଙ୍କାର ଅଟକଳ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ବର୍ଷର ପ୍ରଥମ ୫ ମାସରେ ସେଥିରୁ ସିଂହଭାଗ ଅର୍ଥାତ ୧.୦୩ ଲକ୍ଷ କୋଟି ଟଙ୍କା ବ୍ୟୟ ହୋଇସାରିଛି। ତେଣୁ ବର୍ଷ ସାରାରେ ସାର ସବ୍‌ସିଡି ବ୍ୟୟ ୩-୩.୫ ଲକ୍ଷ କୋଟି ଟଙ୍କା ହୋଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏଲ୍‌ପିଜି ସିଲିଣ୍ଡର ଉପରେ ତୈଳ କମ୍ପାନିଗୁଡ଼ିକ ଏବେବି ୩୨୭ ଟଙ୍କାର କ୍ଷତି ସହୁଛନ୍ତି। ତାହା ମଧ୍ୟ ଅନ୍ୟତମ ଚିନ୍ତାର କାରଣ ହୋଇଛି। ଇଓ୍ୱାଇ ଇଣ୍ଡିଆର ନୀତି ପରାମର୍ଶ ମୁଖ୍ୟ ଡି କେ ଶ୍ରୀବାସ୍ତବ କହିଛନ୍ତି, ତୈଳ ଦର ଉଚ୍ଚା ରହିଥିବାରୁ ତାହା ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ମୁଦ୍ରାସ୍ଫୀତି ଉପରେ ଚାପ ସୃଷ୍ଟି କରିବ। ଜିଡିପି ଅଭିବୃଦ୍ଧି ୭ ପ୍ରତିଶତକୁ ଖସିବା ଓ ମୁଦ୍ରାସ୍ଫୀତି ୫.୭ ପ୍ରତିଶତକୁ ବଢ଼ିବା ଆଶଙ୍କା ରହିଛି। ଇନଷ୍ଟିଚ୍ୟୁଟ୍ ଫର ଡେଭେଲପ୍‌ମେଣ୍ଟ ଆଣ୍ଡ୍ କମ୍ୟୁନିକେସନ୍‌ର ଅର୍ଥନୀତି ପ୍ରଫେସର ସୁନିଲ କୁମାର ସିହ୍ନା କହିଛନ୍ତି ଯେ ସାର ସବ୍‌ସିଡିରେ ବୃଦ୍ଧି ହେଲେ ତାହାର ପ୍ରଭାବରେ ଦେଶର ବିତ୍ତୀୟ ନିଅଣ୍ଟରେ ୦.୪-୦.୫% ବୃଦ୍ଧି ହେବ। ଅନ୍ତର୍ଜାତୀୟ ସ୍ତରରେ ଘଟୁଥିବା ଘଟଣା ଅର୍ଥନୀତିକୁ ପ୍ରଭାବିକ କରିବା ଆଶଙ୍କା ରହିଥିଲେ ମଧ୍ୟ ଦେଶ ଭିତରେ ଏଭଳି କିଛି ଘଟଣା ଘଟୁଛି ଯାହା ସେହି ପ୍ରଭାବକୁ ଅନେକାଂଶରେ ମୁକାବିଲା କରିବାର ଶକ୍ତି ରଖିଛି। ପ୍ରଥମଟି ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ୨.୮୭ ଲକ୍ଷ କୋଟି ଟଙ୍କାର ଲାଭାଂଶ ଦେବା ଆଶା କରାଯାଉଛି। ଦ୍ୱିତୀୟ ବିଷୟଟି ହେଉଛି ଟିକସ ରାଜସ୍ୱରେ ଉତ୍ସାହଜନକ ବୃଦ୍ଧି। ପୁଞ୍ଜି ପ୍ରତ୍ୟାହାର ଓ ସରକାରୀ ସମ୍ପତ୍ତି ବିକ୍ରିରୁ ମଧ୍ୟ ଭଲ ରୋଜଗାର ହେଉଛି। ଆର୍ଥିକ ସ୍ତରରେ ମିଳିବାକୁ ଥିବା ଏହି ବଳ ବାହ୍ୟ ଚାପର ମୁକାବିଲା କରିବାରେ ସରକାରଙ୍କୁ ସହାୟକ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ତର୍ଜାତୀୟ ଘଟଣା ସମ୍ପର୍କିତ ଚାପର ମୁକାବିଲା ଲାଗି କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କାର ଅର୍ଥନୈତିକ ସ୍ଥିରତା ପାଣ୍ଠି ଗଠନ କରିଛନ୍ତି। ତାହା ମଧ୍ୟ ଅର୍ଥନୀତିର ସ୍ଥିତିକୁ ଦୃଢ଼ ରଖିବାରେ ବ୍ୟବହାର କରାଯାଇପାରିବ। ଇଣ୍ଡିଆ ରେଟିଂସ୍ ଆଣ୍ଡ୍ ରିସର୍ଚ୍ଚର ମୁଖ୍ୟ ଅର୍ଥନୀତିଜ୍ଞ ଡି କେ ପନ୍ତ କହିଛନ୍ତି, ତୈଳ ଦରରେ ହୋଇଥିବା ବୃଦ୍ଧି ଯୋଗୁଁ ପେଟ୍ରୋଲ, ଡିଜେଲ୍ ଓ ଏଲ୍‌ପିଜି ଉପରେ ତୈଳ କମ୍ପାନିଗୁଡ଼ିକ ସହୁଥିବା କ୍ଷତିକୁ ଆହୁରି ବଢ଼ାଇବ। ସାର ସବ୍‌ସିଡି ବାବଦରେ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। କିନ୍ତୁ ଅଣଟିକସ ରାଜସ୍ୱକୁ ଟିକସ ରାଜସ୍ୱ ସଂଗ୍ରହ ଅତିକ୍ରମ କରିସାରିଥିବାରୁ ଏବଂ ପୁଞ୍ଜି ପ୍ରତ୍ୟାହାରରୁ ମୋଟା ଅଙ୍କର ଆୟ ସମ୍ଭାବନା ଥିବାରୁ ଆର୍ଥିକ ପରିଚାଳନା ସାମାନ୍ୟ ସହଜ ହୋଇପାରିବ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ରାସ୍ତା

ରାସ୍ତା ଖୋଜୁ ଖୋଜୁ ମୁଁ ହଜିଗଲି ସରଳ ରାସ୍ତାରେ ସରଳ ମାର୍ଗରେ , ସେ ସରଳ ରାସ୍ତାର ଅର୍ଥ ହେଉଛି ବାରାଙ୍ଗୁଲୁ ବାଇର ପଥ,କିନ୍ତୁ ତୁମେମାନେ ମୋତେ ବାହ୍ୟ ଉପରେ ଖୋଜିଲେ ପାଇବ କେମିତି । ହେ ଭକ୍ତ, ତୁମେ ସରଳ ହୋଇଯାଅ। ବାହ୍ୟାଡମ୍ବରୁ ନିଜକୁ ମୁକ୍ତ କର । କାରଣ ବାହ୍ୟାଡମ୍ବର ବନ୍ଧନର କାରଣ, ମୁକ୍ତିର ମାର୍ଗ ନୁହେଁ । ସେତ ସଇତାନର ମାର୍ଗ, ସଇତାନର ମାର୍ଗ ନୁହେଁ । ମୋତେ ଖୋଜିଲେ ସେଠାରେ ପାଇବ କେମିତି । ମୁଁ ତ ସେଇ ପରମଧନର ବିଭୂତି ମୁଁ ତ ସେଇ ପରମାତ୍ମାର ସମ୍ପତି । ମୁଁ ସେଇ ସମ୍ପତିର ଚାଷୀ । ମୁଁ ସେଠାରେ ଚାଷ କରୁଛି । ମୋତେ ଖୋଜିବା ବୁଝିବା ଏତେ ସହଜ ନୁହେଁ। ମାଟି ଘଟରେ ରହି ମୁଁ ମୋ ମା କୁ ତ ଭୂଲି ପାରିବିନାହିଁ । ଗୁରୁଙ୍କୁ ତ ଭୂଲିପାରିବି ନାହିଁ । ଇଶ୍ୱରଙ୍କୁ ତ ଭୂଲି ପାରିବି ନାହିଁ । ତେଣୁ କାହାକଥାରେ ମୋତେ କଣ ମିଳୁଛି । ମୁଁ ତ ରାସ୍ତା ଭୂଲି ପାରିବି ନାହିଁ କି ପଛକୁ ଫେରି ପାରିବି ନାହିଁ। ମୁଁ ମୁକ୍ତିର ପଥ ପାଇ ଯୁକ୍ତର ବଣରେ କାହିଁକି ପଶିବି । ଇଶ୍ୱରଯୁକ୍ତ ପ୍ରାପ୍ତି ପାଇଁ ବ୍ୟାକୁଳ ହେବା ହେଉଛି ଅଧପତନର କାରଣ । ତେଣୁ ହେ ଭକ୍ତ ପଥ ଭୂଲନାହିଁ । ଯେତେ କଷ୍ଟ କଷ୍ଟପଡୁ। ଯୀଶୁଖ୍ରୀଷ୍ଟଙ୍କୁ ଲୁହାର କଣ୍ଟା ବାଡେଇ ମାରିଲେ । ସେ କଣ ଅଭିଶାପ ଦେଲେ । କିନ୍ତୁ ତୁମେ ସହସ୍ର ସହସ୍ର ବାକ୍ୟରେ ତୀକ୍ଷ୍ଣଛୁରୀକା ଆଘାତ କଲେ ମୋର କିଛି କ୍ଷତି ହେବନାହିଁ। ସବୁବେଳେ ମୁଁ ହସୁଛି ଏବଂ ହସୁଥିବି କାହିଁକି ନା ତୁମମାନଙ୍କର ଅଜ୍ଞାନତା ହେତୁ ଆଉ ଯେତେବେଳେ ତୁମର ଜ୍ଞାନ ଚକ୍ଷୁ ଫିଟିଯିବ ତୁମେ ଦେଖିବ ସେତେବେଳେ ଭାବିବ ଆମେ କଣ କରୁଥିଲୁ । ସେତେବେଳ ପର୍ଯ୍ୟନ୍ତ ବି ତୁମମାନଙ୍କ ପାଇଁ କ୍ଷମାର ଦ୍ୱାରା ଖୋଲା ରହିଥିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ଏବେବି ସମୟ ଅଛି,ତୁମେ ଯାହା ଭାବୁଛ ତାହା ଏକ ମାୟାର ବାତାବରଣ ତା ଭିତରୁ ବାହାରି ଆସି ନିଜକୁ ଚିହ୍ନ,ତୁମର ଅନ୍ତର ଆତ୍ମାକୁ ଦେଖ, ତୁମେ କିଏ ? ନଦୀ ଯେତେ ବଢିଲେ ବି ସିନ୍ଧୁର ଏକ ବିନ୍ଦୁ । ଏହାହିଁ ସତ୍ୟ ଅସତ୍ୟକୁ ଉପଲବ୍ଧ କରି, ସତ୍ୟକୁ ମାଳା କରି ଅସତ୍ୟର ସନ୍ଧାନୀ ହୁଅ ନାହିଁ । କୁଚକ୍ରୀ ଠାରୁ ଦୂରେଇ ରୁହ । ମିଠା କଥାରେ ପୁତନାର ବିଷ ରହିଲା ପରି ସେ କଥା ଶୁଣନାହିଁ । କାରଣ ତୁମ ଶରୀର ବିଷାକ୍ତ ହୋଇଯିବ ତେଣୁ କଥାରେ ଅଛି।

# ମାନବ ଜୀବନର ସର୍ବୋଚ୍ଚ ଧର୍ମ 'ମନୁର୍ଭବ'



ହେମନ୍ତ କୁମାର ଗନ୍ତାୟତ
ଡ଼ଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ, ଅଧ୍ୟାପକ
କବିସୂର୍ଯ୍ୟ ନଗର
ମୋ-୯୮୬୧୩୩୪୮୬୮

ସନାତନ ଧର୍ମର ମୂଳପିଣ୍ଡ ହେଉଛନ୍ତି ପବିତ୍ର ବେଦ। ଯାହାଙ୍କ ମନ୍ତ୍ର ବା ବାଣୀ ଆଜି ବି ମାନବ ସମାଜ ପାଇଁ ମାର୍ଗ ଦର୍ଶକ ହୋଇ ରହିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ରହିବେ। ସାଧରଣତଃ ଲୋକେ ଭାବନ୍ତି ବେଦ କେବଳ ଗୋଟିଏ ଧାର୍ମିକ ଗ୍ରନ୍ଥ, ଯାହା ପୂଜନ କର୍ମରେ ହିଁ ଏହାଙ୍କ ବାଣୀ ବ୍ୟବହାର କରାଯାଏ। ଏହା ଆଂଶିକ ମାତ୍ର, ପୂର୍ଣ୍ଣତଃ ବେଦ ହେଉଛନ୍ତି ବିଶ୍ୱର ଏକ ନିୟାମକ ସାରଣୀ। ଏଥିରେ ଜ୍ଞାନ ଓ ବିଜ୍ଞାନର ଗହନ କଥାଦି ଲୁଚି ରହିବା ସଙ୍ଗେ ସଙ୍ଗେ ମଣିଷକୁ ମଣିଷ ହେବାର ମଧ୍ୟ ଶିକ୍ଷା ଦେଇଛନ୍ତି:

ତନ୍ତୁ ତନ୍ତ୍ରବ୍ରଜସୋ ଭାନୁମନ୍ୱିହି ଜ୍ୟୋତିଷ୍ମତଃ ପଥୋ ରକ୍ଷ ଧୂୟା କୃତାନ୍।
ଅନୁଲବଣନ୍ତ ବୟତ ଜୋଗୁବାମପୋ ମନୁର୍ଭବ ଜନୟା ଦୈବଂ ଜନମ୍॥

ଏହି ମନ୍ତ୍ର ମାଧ୍ୟମରେ ବେଦ ଆମକୁ ଜୀବନ ଜୀଇଁବାର ଏକ ସୁନ୍ଦର କଳା ଶିଖାଇଛନ୍ତି। ଏଥିରେ କୁହାଯାଇଛି ଯେ, ହେ ମାନବ! ତୁମେ ଏହି ସଂସାରରେ ଜ୍ଞାନର ଆଲୋକକୁ ଅନୁସରଣ କର । ନିଜର ବୁଦ୍ଧି ଓ ସଦ୍‌ବିବେକ ପ୍ରୟୋଗ କରି ନିଜ କର୍ତ୍ତବ୍ୟ ପଥକୁ ସୁରକ୍ଷିତ ଏବଂ ନିଖୁଣ ରଖ। ସବୁଠାରୁ ବଡ଼ କଥା ହେଲା, ମଣିଷ ଜନ୍ମ ପାଇବା ମାତ୍ରେ କେହିବି ଶ୍ରେଷ୍ଠ ହୋଇନଥାଏ; ତେଣୁ ପ୍ରଥମେ ନିଜେ ଜଣେ ସଚ୍ଚୋଟ ଓ ବିବେକୀ 'ମନୁଷ୍ୟ' ହୁଅ ଏବଂ ତା'ପରେ ସମାଜରେ ଦିବ୍ୟ ଗୁଣର ପ୍ରସାର କରି ଅନ୍ୟମାନଙ୍କୁ ମଧ୍ୟ ଦେବତୁଲ୍ୟ ଗୁଣସମ୍ପନ୍ନ କରାଅ। କିନ୍ତୁ ଆଜିର ବସ୍ତୁବାଦୀ ଯୁଗରେ ଅନେକ ବ୍ୟକ୍ତି ବୈଷୟିକ ଜ୍ଞାନ ଆହରଣ କରିବା ସହ ବଡ଼ ବଡ଼ ଡିଗ୍ରୀ ଆଦି ହାସଲ କରିପାରିଛନ୍ତି ଏବଂ ପ୍ରଚୁର ଧନ-ସମ୍ପଦ ଅର୍ଜନ କରି ବୈଜ୍ଞାନିକ ସଫଳତା ବି ପାଇପାରିଛନ୍ତି, ତଥାପି ଏସବୁ ସତ୍ତ୍ୱେ କାହିଁକି ଆଜି ମଧ୍ୟ ସମାଜରେ ନୈତିକତାର ଅବକ୍ଷୟ, ହିଂସା ଓ ଅଶାନ୍ତି ଆଦି ଦେଖାଦେଉଛି ? ଏହାର କାରଣ ହେଉଛି ଆମେ 'ଡାକ୍ତର', 'ଇଞ୍ଜିନିୟର' ବା 'ବ୍ୟବସାୟୀ' ତ ହୋଇପାରିଛେ, କିନ୍ତୁ ଜଣେ ଭଲ 'ମଣିଷ' ହେବାକୁ ଭୁଲିଯାଇଛେ ! ତେଣୁ ବେଦ କହିଛନ୍ତି 'ମନୁର୍ଭବ'। ଅର୍ଥାତ୍ ମଣିଷ ହୁଅ। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଆମେ କ'ଣ ଜଣେ ଜଣେ ମନୁଷ୍ୟ ରୂପଧାରୀ ଜୀବ ?

କେବଳ ମାନବ ଶରୀର ଧାରଣ କରିବା ଦ୍ୱାରା ଜଣେ ଏ ସଂସାରରେ ପ୍ରକୃତ ମନୁଷ୍ୟ ହୋଇପାରିବ ନାହିଁ। କାହିଁକି ନା ମନୁଷ୍ୟ ହୋଇମଧ୍ୟ ଯଦି ପାଶବିକ ଆଚରଣ କରିବା ତେବେ ଆମକୁ କେବେ ମଧ୍ୟ ସଭ୍ୟ ସମାଜ ମଣିଷରେ ଗଣତି କରିବେ ନାହିଁ। ତେଣୁ ହିତ ବାଣୀରେ କୁହାଯାଇଛି,'ପ୍ରତିଶୋଧ ଜାନ୍ତବ୍ୟ ବିଧାନ'। ଅର୍ଥାତ୍ ପ୍ରତିଶୋଧ, ହିଂସା, କ୍ରୋଧ, ଏବଂ ଦୁର୍ବଳ ଉପରେ ସବଳର ଅତ୍ୟାଚାର ଏହା ପାଶବିକ ପ୍ରବୃତ୍ତି। ପରନ୍ତୁ ଏହାର ବିପରୀତ ଯଥା: କ୍ଷମା, ଅହିଂସା, ସନ୍ତୋଷ, ଭଲପାଇବା, ସଦାଚାର ଓ ଜୀବେ ଦୟା ଇତ୍ୟାଦି ମାନବର ଦୈବୀ ଗୁଣ। ଏହି ଦୈବୀ ଗୁଣ ବିଷୟରେ ମଧ୍ୟ ଗୀତାରେ ଦେଖିବାକୁ ମିଳେ:

ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଲମ୍॥
ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତିମାନିତା।
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତା॥

ଏହି ଶ୍ଳୋକାଦିରେ ଶ୍ରୀ ଭଗବାନ କହିଛନ୍ତି, ହେ ଭରତ ଶ୍ରେଷ୍ଠ! ନିର୍ଭୀକତା, ମନର ପବିତ୍ରତା, ଆଧ୍ୟାତ୍ମିକ ଜ୍ଞାନରେ ସ୍ଥିରତା, ଦାନ, ଇନ୍ଦ୍ରିୟ ବଶୀକରଣ, ଯଜ୍ଞ ସମ୍ପାଦନ, ପବିତ୍ର ପୁସ୍ତକ ପଠନ, ସଂଯମ, ସ୍ପଷ୍ଟବାଦୀ, ଅହିଂସା, ସତ୍ୟବାଦୀ, କ୍ରୋଧରହିତ, ତ୍ୟାଗ, ଶାନ୍ତିପ୍ରିୟ, ପରଦୋଷ ଦର୍ଶନ ନ କରିବା, ସମସ୍ତ ପ୍ରାଣୀଙ୍କ ପ୍ରତି ଦୟା, ଲୋଭହୀନ, ଭଦ୍ର, ଶାଳୀନ, ସ୍ଥିର ମତି, ସାହସୀ, କ୍ଷମାଶୀଳ, ସହନଶୀଳ, ପରିଷ୍କାର ପରିଚ୍ଛନ୍ନ, କାହା ପ୍ରତି ଶତ୍ରୁତା ଆଚରଣ ନ କରିବା ଏବଂ ଅହଂକାର ରହିତ ହେବା। ଏ'ପରି ଦୈବୀ ଗୁଣାଦିର ଅଧିକାରୀ ବ୍ୟକ୍ତିମାନେ ସାଧୁ ସ୍ୱଭାବର ଅଟନ୍ତି।

ଉପରୋକ୍ତ ଗୁଣ ଗୁଡ଼ିକର ପୂର୍ଣ୍ଣ ବିକାଶ ହେଲେ ଯାଇ ଜଣେ ମନୁଷ୍ୟ ପଦବାଚ୍ୟ ହୋଇପାରିବ। କାହିଁକି ନା ଧର୍ମକୁ ଧାରଣ କରିବା ଜୀବର ପରମ ଧର୍ମ। ତେଣୁ ଗୀତାରେ କୁହାଯାଇଛି ଯେ:'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ'। ଅର୍ଥାତ୍ ମନୁଷ୍ୟ କେବେ ମଧ୍ୟ ନିଜର ଗୁଣ ଧର୍ମକୁ ତ୍ୟାଗ କରିବା ଅନୁଚିତ୍। ଏଣୁ ମନୁସ୍ମୃତିରେ ମନୁଷ୍ୟର ପ୍ରଧାନ ଲକ୍ଷଣ କରାଯାଉଛି 'ମନନଶୀଳତା', ଅର୍ଥାତ୍ ଚିନ୍ତା କରିବାର କ୍ଷମତା। ମନୁଷ୍ୟ ଶବ୍ଦଟି ମନନ୍' (ଚିନ୍ତା କରିବା) ଧାତୁରୁ ସୃଷ୍ଟି ହୋଇଛି। ଏହାର ଅର୍ଥ ଯିଏ ଭଲ-ମନ୍ଦ, ଉଚିତ-ଅନୁଚିତ ମଧ୍ୟରେ ଫରକ ବୁଝି ବିବେକ ଅନୁସାରେ କାର୍ଯ୍ୟ କରେ ଏବଂ ପ୍ରାଣୀଙ୍କ ସୁଖ-ଦୁଃଖକୁ ଅନୁଭବ କରିପାରେ ସେ ହିଁ ଶ୍ରେଷ୍ଠ ବା ପ୍ରକୃତ ମନୁଷ୍ୟ। ଯାହା ସାଧୁ-ସନ୍ଥଙ୍କ ହୃଦୟରେ ସମ୍ପୂର୍ଣ୍ଣ ଭାବରେ ବିକଶିତ ହୋଇଥାଏ। ଏହି ବ୍ୟକ୍ତିତ୍ୱମାନେ ଅହରହ ସଂସାରର ସୁଖରେ ସୁଖୀ ଏବଂ ସଂସାରର ଦୁଃଖରେ ଦୁଃଖି ହୋଇଥାନ୍ତି ଏବଂ ଜଗତର କଲ୍ୟାଣ ନିମନ୍ତେ ନିଜେ ନର୍କ ଯାତନାକୁ ଗ୍ରହଣ କରିବା ପାଇଁ ମଧ୍ୟ ପଛାନ୍ତି ନାହିଁ। ତେଣୁ କୁହାଯାଇଛି:

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ।
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ॥

ଆମ ବେଦ ବିଦ୍ୟାର ଚିନ୍ତନ ବ୍ୟାପକ ଏବଂ ସର୍ବଜନ ହିତାୟ ଅଟେ। ଏହାଙ୍କ ବାଣୀ ତିନିକାଳରେ ଉପଯୋଗୀ। କେବେବି ଏହାଙ୍କ ବାର୍ତ୍ତା ପୁରାତନ ନୁହେଁ, ଯାହା ସଦା ସର୍ବଦା ନବ୍ୟ-ନବୀନ। ଯେପରି ସକଳ ଶକ୍ତିର ଆଧାର ସୂର୍ଯ୍ୟ ଓ କଲ୍ୟାଣ କାରକ ଚନ୍ଦ୍ରଙ୍କ ଆଭା ସବୁବେଳେ ଏକଭଳି ରହିଛି ଏବଂ ସଂସାରର ସମସ୍ତ ପ୍ରାଣୀଙ୍କୁ ଏକାପରି ପ୍ରକାଶିତ କରନ୍ତି। ସେଭଳି ବେଦଙ୍କ ମନ୍ତ୍ର ମଧ୍ୟ ସମସ୍ତଙ୍କୁ ଉଚିତ ଶିକ୍ଷା ଦେଇଥାଏ, ଯଥା:

ଓଁ ସଙ୍ଗଚ୍ଛଧ୍ୱଂ ସଂବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଞ୍ଜାନାନା ଉପାସତେ ?

ଅର୍ଥାତ୍- ଆମେ ସମସ୍ତେ ମିଳିମିଶି ଏକାଠି ଆଗକୁ ବଢ଼ିବା ଏବଂ କର୍ତ୍ତବ୍ୟ ପଥରେ ଚାଲିବା। ତା' ସହିତ ଆମେ ପରସ୍ପର ସହ ଶାନ୍ତ ଓ ସ୍ନେହପୂର୍ଣ୍ଣ ଭାବରେ କଥା ହେବା, କୌଣସି ଭେଦଭାବ ନ ରଖି ଏକ ସ୍ୱରରେ ସମ୍ବାଦ କରିବା। ଆମର ମନ ଓ ଚିନ୍ତାଧାରା ଏକ ହେଉ, ଯେପରି ଜଣେ ଅନ୍ୟର ଦୁଃଖ-ସୁଖ ଏବଂ ଭାବନାକୁ ସହଜରେ ବୁଝିପାରିବ। ପୁରାକାଳରେ ଦେବତାମାନେ ଯେଭଳି ଏକମତ ହୋଇ ନିଜ ନିଜର ଭାଗ ବାଣ୍ଟି ନେଉଥିଲେ ଏବଂ ଶୃଙ୍ଖଳା ରକ୍ଷା କରୁଥିଲେ, ଆମେ ମଧ୍ୟ ସେହିପରି ଏକତା ଏବଂ ସମନ୍ୱୟ ସଦ୍ଭାବନା ରକ୍ଷା କରି ଚାଲିବା। ଏହା ଦ୍ୱାରା ଆମ ହୃଦୟରେ 'ଦୈବୀ ଗୁଣ' ବା ଦେବତୁଲ୍ୟ ସଂସ୍କାର ଜାଗ୍ରତ ହେବ। ଯାହାଫଳରେ ଭଗବାନ ମଧ୍ୟ ସନ୍ତୋଷ ଲାଭ କରିବେ। ଯାହାର ଦୃଷ୍ଟାନ୍ତ ଓଡ଼ିଆ ଭାଗବତରେ ମଧ୍ୟ ଦେଖିବାକୁ ମିଳେ:

ସତ୍ୟ ଶାନ୍ତି ଯେ ଦୟା କ୍ଷମା
ଏସବୁ ଧର୍ମର ମହିମା ॥
ମଣିଷ ମଧ୍ୟେ ଦିବ୍ୟ ଜ୍ଞାନ
ଦେଖି ସନ୍ତୋଷ ଭଗବାନ ॥

ବୈଦିକ ବାଂମୟଙ୍କ 'ମନୁର୍ଭବ' କେବଳ ଏକ ସୂକ୍ତ ବା ନୀତିବାଣୀ ନୁହେଁ, ଏହା ହେଉଛି ମାନବ ଜୀବନର ସର୍ବୋଚ୍ଚ ଧର୍ମ। ଏହା ଆମକୁ ପଶୁତ୍ୱରୁ ମନୁଷ୍ୟତ୍ୱ ଏବଂ ମନୁଷ୍ୟତ୍ୱରୁ ଦିବ୍ୟତା ଆଡ଼କୁ ଅଗ୍ରସର ହେବା ପାଇଁ ପ୍ରେରଣା ଦିଏ। ଯେଉଁଦିନ ପ୍ରତ୍ୟେକ ବ୍ୟକ୍ତିମାନେ ନିଜ ଭିତରେ ଥିବା କ୍ରୋଧ, ଈର୍ଷା ଓ ସ୍ୱାର୍ଥକୁ ତ୍ୟାଗ କରି ବିବେକ ସହକାରେ କାର୍ଯ୍ୟ କରିବେ, ସେହିଦିନ ଏହି ପୃଥିବୀରେ ସତ୍ୟ ଓ ଶାନ୍ତିର ରାଜତ୍ୱ ପ୍ରତିଷ୍ଠିତ ହୋଇପାରିବ। ତେଣୁ ଆସନ୍ତୁ, ବୈଦିକ ଋଷିମାନଙ୍କର ଏହି ମହାନ ବାର୍ତ୍ତାକୁ ଆମ ଜୀବନରେ ସ୍ଥାନ ଦେବା ଏବଂ ପ୍ରକୃତ 'ମନୁଷ୍ୟ' ହୋଇ ଏକ ସୁନ୍ଦର, ଦିବ୍ୟ ସମାଜ ଗଠନରେ ନିଜକୁ ନିୟୋଜିତ କରିବା। ତେବେ ଯାଇ ସାର୍ଥକ ବେଦ ବାଣୀ ମନୁର୍ଭବ ମହତ୍ତ୍ୱ ଆମ ନିମନ୍ତେ ସାର୍ଥକ ହୋଇପାରିବ।

# ଈଶ୍ୱର ଅଛନ୍ତି



ସିଦ୍ଧାର୍ଥ ମିଶ୍ର
ଆର୍ଯ୍ୟପଲ୍ଲୀ,
କିଟ୍ ଛକ, ଭୁବନେଶ୍ୱର
ମୋ : ୭୮୫୫୮୮୫୦୮୨

ସକାଳୁ ସକାଳୁ ନିତ୍ୟକର୍ମ ସାରି ପ୍ରାୟ ସାଢେ ଛଅଟା ବେଳକୁ ଲକ୍ଷ୍ମୀନୃସିଂହ ମନ୍ଦିର ଅଭିମୁଖେ ଆମ ବସ ଧରିଲି। ପ୍ରଥମେ ୧୮ ନମ୍ବର ବସରେ କିଟ ଛକରୁ ଜଗତ୍ ପୁର (୨୬କିମି )। ତାପରେ ଜଗତ୍‌ପୁରରୁ ଲକ୍ଷ୍ମୀନୃସିଂହ ବଜାର (୮କିମି )। ମୁଖ୍ୟ ରାସ୍ତାରୁ ମନ୍ଦିରର ଦୂରତ୍ୱ ଆଠ ଶହ ମିଟର। ୧୮ ନମ୍ବର ବସ ଚଢ଼ି ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିଗଲି। କିଛି ବାଟ ପରେ ବାରଙ୍ଗ ବଜାର ପାଖରୁ ଜଣେ ଅଶିତିପର ଗରିବ ଓ ଦଳିତ ବୃଦ୍ଧା ମୋ ପାଖ ଆସନରେ ଆସି ବସିଲେ। ସାଙ୍ଗରେ ଏକ ବଡ଼ ବ୍ୟାଗରେ ପୂଜାଫୁଲ ନେଇକରି ଯାଉଥାଆନ୍ତି। ଅବହେଳିତ ଶୀର୍ଣ୍ଣ ଦେହ ସହ ବିଷର୍ଣ୍ଣ ମୁହଁ । ତାଙ୍କୁ ପଚାରିଲି ମାଆ , ସକାଳୁ କିଛି ଖାଇଛ ? କହିଲେ, ନାଇଁ ପୁଅ କିଛି ଖାଇନି। ମୁଁ ତାଙ୍କ ହାତରେ କିଛି ପଇସା ଧରାଇବାରୁ ସଂକୋଚର ସହ ଗ୍ରହଣ କରି ଲୁଗା କାନିରେ ଚାରିଭାଙ୍ଗ କରି ଗଣ୍ଠେଇଲେ। ପୁଣି ପଚାରିଲି ମା' କୁଆଡେ ଯାଉଛ ? କହିଲେ ପୁଅ, ପ୍ରତିଦିନ ବସ ଯୋଗେ ଏଠୁଁ ଫୁଲ ନେଇ ବାଲୁବଜାର ନିକଟସ୍ଥ ମନ୍ଦିରରେ ଯାଇ ବିକ୍ରି କରେ। ଯାହା ପାଏ ସେଥିରେ ଗଣ୍ଡେ ଫୁଟେଇ ଖାଏ। ପଚାରିଲି ତୁମ ଘରେ ଆଉ କିଏ ସବୁ ଅଛନ୍ତି। କହିଲେ ମୋର କେହି ନାହାନ୍ତି ପୁଅ । ୧୪ ବର୍ଷ ବୟସରେ ବାହା ହେଇଥିଲି। ବର୍ଷେ ନ ପୂରୁଣୁ ମୋ ଗେରସ୍ତକୁ ଗାଡି ମଡ଼େଇ ମାରିଦେଲା। ସେଇଦିନଠୁଁ ବାପଘରେ ଅଛି। ଝିଅାରୀ ପୁତୁରା ସବୁ ଅଛନ୍ତି ହେଲେ କେହି ପଚାରନ୍ତିନି। ଏବେ ଇନ୍ଦିରା ଆବାସଟିଏ ମିଳିଛି। ତିନି ହଜାର ବିଧବା ଭତ୍ତା ପାଉଛି। ଆଉ ଫୁଲ ବିକ୍ରୀ କରି ଯାହା ପାଏ ସେଥିରେ କୌଣସି ପ୍ରକାରେ ଚଳିଯାଉଚି। ବୁଢ଼ୀଙ୍କ କଥା ଶୁଣି ଆଖି ଓଦା ହେଇଗଲା। ୮୧ ବର୍ଷ ବୟସରେ ବି ତାଙ୍କୁ ଦାନା ଗଣ୍ଡାଏ ପାଇଁ ଏତେ ସଂଘର୍ଷ କରିବାକୁ ପଡୁଛି ! ସେ ମୋତେ ଯାଚିକରି ଫୁଲ ଆଞ୍ଜୁଳାଏ ଦେଇ କହିଲେ ପୁଅ ମା' ଲକ୍ଷ୍ମୀଙ୍କୁ ସମର୍ପଣ କରି ଦେବ। ମୋ ଆଖିକୁ ଲୁହ ଆସିଗଲା। ଭାବିଲି ଏତେ ଅଭାବରେ ଥାଇ ମଧ୍ୟ ଜଣେ କେମିତି ଏତେ ବିଶାଳ ଆଉ ଉଦାର ହୃଦୟର ଅଧିକାରିଣୀ ହୋଇପାରେ ! ଅନୁଭବ ହେଲା ସତେ ଯେପରି ମା' ମହାଲକ୍ଷ୍ମୀ ମୋ ପାଖରେ ଆସି ବସିଛନ୍ତି । ବୁଢ଼ୀ ଜଣକ ବାଟରେ ଓହ୍ଲାଇଗଲେ। ଶେଷରେ ମୁଁ ଜଗତ୍‌ପୁରରେ ଓହ୍ଲାଇ ସାଲେପୁର ଅଭିମୁଖେ ଯାଉଥିବା ୮୧ ନମ୍ବର ଆମ ବସକୁ ଅପେକ୍ଷା କଲି। ଅନ୍ୟ ଦିନେ ଅଧଘଣ୍ଟା ଠିଆ ହେଲେବି ବସ ମିଳେନି। ହେଲେ ଆଜି ଭାଗ୍ୟକୁ ସଙ୍ଗେ ସଙ୍ଗେ ଗୋଟେ ଏସି ଆମ ବସଟିଏ ଆସିଗଲା। ବସରେ ବସିବାର ମାତ୍ର ପନ୍ଦର ମିନିଟ ଭିତରେ ଲକ୍ଷ୍ମୀନୃସିଂହ ବଜାରରେ ଆଣି ପହଞ୍ଚେଇ ଦେଲା। ରାସ୍ତା ପାରହୋଇ ମିନିଟିଏ ଠିଆ ହୋଇଛିକି ନାହିଁ ଜଣେ ୪୦ ବର୍ଷର ଯୁବକ ମୋତେ ଦୋ ଦୋ ଚିହ୍ନା ହୋଇ ପଚାରିଲେ ସାର୍ ଆପଣ କଣ ଗୀତ ଗାଆନ୍ତି ? ମୁଁ ଆଶ୍ଚର୍ଯ୍ୟର ସହିତ ମୁଣ୍ଡ ହଲାଇ ହଁ କହିଲି । ହେଲେ ଆପଣ କେମିତି ଜାଣିଲେ? କହିଲେ ମୁଁ Facebook ଆଉ ଅନ୍ୟ ଗଣ ମାଧ୍ୟମରେ ଆପଣଙ୍କୁ ଅନେକ ଥର ଦେଖିଚି ଓ ମନେ ମନେ ଖୋଜିଛି। ହେଲେ ଆଜି ସଂଯୋଗ ବଶତଃ ଆପଣଙ୍କ ସହ ଦେଖା ହୋଇଗଲା। ଯୁବକ ଜଣକ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଜଣେ ଡିଗ୍ରୀଧାରୀ ଛାତ୍ର। ଏବେ ସଂଗୀତ ସାଧନା ସହ ପାଇପ ଠିକାଦାରୀ କାମ ମଧ୍ୟ କରନ୍ତି ବୋଲି କହିଲେ। ସ୍ୱଳ୍ପ ଆଳାପ ପରେ ସେଠୁଁ ଯିବାପାଇଁ ଉଦ୍ୟତ ହୁଅନ୍ତେ ମୋର ଠିକଣା ମାଗି ରଖିଲେ ଓ ନିଜ କାମଛାଡି ତାଙ୍କ ଗାଡ଼ିରେ ବସାଇ ସ୍ୱଇଚ୍ଛାରେ ମନ୍ଦିରରେ ମୋତେ ଛାଡ଼ିଦେଇ ଗଲେ। ଲାଗୁଥିଲା ସତେ ଯେମିତି ମହାଲକ୍ଷ୍ମୀ ବାହନ ପଠେଇ ତାଙ୍କ ମନ୍ଦିରକୁ ପାଛୋଟି ନେଉଛନ୍ତି । ସମୟ ସେତେବେଳକୁ ପ୍ରାୟ ସାଢେ ଆଠ। ସ୍ଥାନୀୟ ଓ ଦୂର ଦୁରାନ୍ତର ଅନେକ ଭକ୍ତ ପୂଜା ପାଇଁ ସେଠାକୁ ଆସିଥାଆନ୍ତି। ପୂଜା ସାମଗ୍ରୀ କିଣି ମନ୍ଦିରରେ ପ୍ରବେଶ କଲି। ମନ୍ଦିର ପ୍ରାଙ୍ଗଣରେ ଜଣେ ବ୍ରାହ୍ମଣଙ୍କୁ ପୂଜାର ଦାୟିତ୍ୱ ଦେଇ ପଚାରିଲି ଏଠି ମୋତେ କିଛି ଭଜନ ଗାଇବାର ଅନୁମତି ମିଳିବ ? କହିଲେ ଏଥିରେ ପଚାରିବାର କଣ ଅଛି। ଆପଣ ପ୍ରଭୁଙ୍କ ଆଗରେ ଯେତେ ସମୟ ଇଚ୍ଛା ଗାଇପାରନ୍ତି । ଯଥାରୀତି ପୂଜା ଶେଷକରି ଭଜନ ପାଇଁ ଖାଲି ସ୍ଥାନଟିଏ ବାଛିନେଲି । ସାଙ୍ଗରେ ନେଇଥିବା ପୁରାତନ ଭଜନର କରାଓକେ ଟ୍ରାକ ଓ bluetooth speaker ଲଗାଇ ଭଜନ ପରିବେଷଣ ଆରମ୍ଭ କଲି। ପ୍ରଭୁଙ୍କ ଆଗରେ ଗୋଟିଏ ପରେ ଗୋଟିଏ ପାଖାପାଖି ଦଶଟି ଭଜନ ଗାଇଲି। ମନ ଆନନ୍ଦରେ ପୂରି ଯାଉଥାଏ। ଅନେକ ଭକ୍ତ ବସି ଭଜନ ଶୁଣୁଥାଆନ୍ତି । ଭଜନ ପରେ କିଛି ଲୋକଙ୍କ ସହ ସେଠି ଆଳାପ ହେଲା। ମନ୍ଦିରରେ ଉପସ୍ଥିତ କର୍ମକର୍ତ୍ତା ଓ ପୂଜାରୀ ମାନଙ୍କ ସହ ପରିଚୟ ହେଲା। ତା ପରେ ମନ୍ଦିରରୁ ପ୍ରସ୍ଥାନ ପାଇଁ ବାହାରିଲି । ସେତେବେଳକୁ ଦିନ ପ୍ରାୟ ଦଶଟା । ଜଣେ ପୂଜକ ପଚାରିଲେ ସାର୍ ଆପଣ କୁଆଡେ ଯିବେ? ମୁଁ କହିଲି ମୁଖ୍ୟରାସ୍ତାକୁ ବାହାରିଗଲେ ସେଠୁ ଭୁବନେଶ୍ୱର ପାଇଁ ଗାଡିପାଇଁ ଅପେକ୍ଷା କରିବି । ଯୋଗକୁ ଠିକ ସେଇ ସମୟରେ ମନ୍ଦିର ଆଗରୁ ଜଣେ ସ୍ଥାନୀୟ ଉଦ୍ୟୋଗପତି ତାଙ୍କ କାର ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ମୋତେ ତାଙ୍କ ସହିତ ଯିବାକୁ ସୁଯୋଗ ମିଳିଲା । ଏ କଥା ଜାଣି ମୋର ମନ ମାଆଙ୍କ ପ୍ରତି କୃତଜ୍ଞତା ଓ ଭକ୍ତିରେ ଭରି ଉଠୁଥିଲା। ଭାବୁଥିଲି ତାଙ୍କ ପାଖରେ କିଛି ଭଜନ ଗାଇବି ବୋଲି ଇଚ୍ଛା କଲି ବୋଲି ମାଆ ଏ ଅକିଞ୍ଚନ ପାଇଁ ଏତେ ସୁବିଧା କରିଦେଲେ ! ଏ କଥା ନିଜକୁ ମଧ୍ୟ ଅବିଶ୍ୱାସ୍ୟ ଲାଗୁଛି। ଅନୁଭବ ହେଲା ଭଗବାନ ଅଛନ୍ତି। ନିଶ୍ଚୟ ଅଛନ୍ତି। ସେ କେବଳ ସମୟ, ଇଚ୍ଛା, ପରିବେଶ, ସ୍ଥିତି, ସ୍ଥାନ ମନୋବୃତ୍ତି, ଉଦ୍ଦେଶ୍ୟ ଓ ବ୍ୟକ୍ତି ବିଶେଷ ଦେଖି ତାଙ୍କ ଉପସ୍ଥିତି ଅନୁଭବ କରାନ୍ତି। ତାଙ୍କୁ ଶତକୋଟି ପ୍ରଣାମ।

ଲକ୍ଷ୍ମୀନୃସିଂହ ମନ୍ଦିରର ଇତିହାସ ଅନ୍ୱେଷଣ କରି ଜାଣିଲି ଯେ ଲକ୍ଷ୍ମୀନୃସିଂହ ମନ୍ଦିର ହେଉଛି ଭଗବାନ ନୃସିଂହଙ୍କ (ବିଷ୍ଣୁଙ୍କର ଏକ ଅବତାର) ଏକ ପ୍ରାଚୀନ ହିନ୍ଦୁ ମନ୍ଦିର। ଏଠାରେ ନୃସିଂହଙ୍କ କୋଳରେ ମହାଲକ୍ଷ୍ମୀ ଉପବେଶନ କରି ଅଛନ୍ତି। ଓଡ଼ିଶାର କଟକ ଜିଲ୍ଲାର ସାଲେପୁର ଯିବା ରାସ୍ତାରେ କାଜିପୁର ପରେ ବହୁଗ୍ରାମ ନିକଟସ୍ଥ ପୂର୍ବକଚ୍ଛ ଗ୍ରାମରେ ଏହା ଅବସ୍ଥିତ। ଲକ୍ଷ୍ମୀନୃସିଂହ ଅତ୍ୟନ୍ତ ପ୍ରତ୍ୟକ୍ଷ ଠାକୁର ବୋଲି ବିବେଚିତ। ଐତିହାସିକ ବିବରଣୀ ଓ କିମ୍ବଦନ୍ତୀ ଅନୁଯାୟୀ ଏହି ପୁରୁଣା ମନ୍ଦିରଟି ଗଜପତି ବଂଶ ସହିତ ଜଡିତ। ବିଶେଷକରି କାଞ୍ଚି ବିଜୟ ପରେ ଗଜପତି ପୁରୁଷୋତ୍ତମ ଦେବଙ୍କ ସମୟରେ କିମ୍ବା ୧୫ଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ଏହା ନିର୍ମାଣ ହୋଇଥିବା ବିଶ୍ୱାସ କରାଯାଏ। ସ୍ଥାନୀୟ ଇତିହାସ ଏବଂ ଲୋକକଥା ଅନୁଯାୟୀ, ୧୬ଶ ଶତାବ୍ଦୀରେ ଆକ୍ରମଣକାରୀ ସେନାପତି କଳାପାହାଡ଼ ଦ୍ୱାରା ଏହି ମୂଳ ମଧ୍ୟଯୁଗୀୟ ମନ୍ଦିରଟି ସମ୍ପୂର୍ଣ୍ଣ ରୂପେ ଧ୍ୱଂସପ୍ରାପ୍ତ ହୋଇଥିଲା । ପବିତ୍ର ପ୍ରତିମା ଗୁଡ଼ିକୁ ଅପବିତ୍ର ହେବାରୁ ରକ୍ଷା କରିବା ପାଇଁ ଭକ୍ତମାନେ ମୂଳ ବିଗ୍ରହକୁ ମନ୍ଦିର ନିକଟରେ ଥିବା ଏକ ବଡ଼ ୭ ଏକର ପରିମିତ ପୋଖରୀ ମଧ୍ୟରେ ଜଳମଗ୍ନ କରି ରଖିଥିଲେ। ପୋଖରୀ ଚାରିପାଖରେ ପୁରାତନ କଳିଙ୍ଗ ସ୍ଥାପତ୍ୟର ଅବଶେଷ ଏବଂ ଭଗ୍ନାବଶେଷ ଦେଖିବାକୁ ମିଳେ । ସ୍ଥାନୀୟ ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଦ୍ୱାରା ଏହି ସ୍ଥାନରୁ ପ୍ରାଚୀନ ପଥର ମୂର୍ତ୍ତି ତଥା ଗଙ୍ଗ ବଂଶର ଏକ ପ୍ରାଚୀନ ବରାହ ମୂର୍ତ୍ତି ଉଦ୍ଧାର କରାଯାଇଛି। ପୁରୁଣା ଐତିହାସିକ ରୂପଟି ବର୍ତ୍ତମାନ ନାହିଁ, କିନ୍ତୁ ସେହି ସ୍ଥାନରେ ଏକ ଆଧୁନିକ ମନ୍ଦିର ନିର୍ମାଣ କରାଯାଇ ପୂଜାର୍ଚ୍ଚନା ଜାରି ରହିଛି ।

# କାଳଜୟୀ କୀର୍ତ୍ତି କାଳିଜାଈ



ନାରାୟଣ ପଧାନ
ଛୁରିଆପାଲି, ସୋହେଲା,
ବରଗଡ଼
ମୋ : ୯୯୩୭୮ ୫୪ ୪୧୪
Mail :
narayanapadhan2014@gmail.com

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'କାଳିଜାଈ' ଓଡ଼ିଆସାହିତ୍ୟର ଏକ ହୃଦୟସ୍ପର୍ଶୀ କାଳୋତ୍ତୀର୍ଣ୍ଣ କାବ୍ୟକୃତି । ଚିଲିକାର ନୈସର୍ଗିକ ଶୋଭା, ଜାଈର ମର୍ମନ୍ତୁଦ ବିୟୋଗ, ପିତୃହୃଦୟର ଆକୁଳ ବେଦନା ଓ ଲୋକବିଶ୍ୱାସର ଆଧ୍ୟାତ୍ମିକ ଆବେଦନ ଏଥିରେ ଅପୂର୍ବ ସମନ୍ୱୟ ଲାଭ କରିଛି। କବି ଏକ ଆଞ୍ଚଳିକ ଲୋକଗାଥାକୁ ସାର୍ବଜନୀନ ମାନବୀୟ ସମ୍ବେଦନାରେ ରୂପାନ୍ତରିତ କରି ପ୍ରକୃତି, ପ୍ରେମ, ବିଚ୍ଛେଦ ଓ ସ୍ମୃତିର ଏକ ଚିରନ୍ତନ ଆଖ୍ୟାନ ରଚନା କରିଛନ୍ତି। ଏହା କେବଳ ଏକ କରୁଣ ଘଟଣାର କାବ୍ୟିକ ରୂପାୟନ ନୁହେଁ; ଏହା ଗୋଦାବରୀଶଙ୍କ ଅସାଧାରଣ ସୃଜନପ୍ରତିଭା ଓ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସାରସ୍ୱତ ସମ୍ପଦର ଏକ କାଳଜୟୀ ନିଦର୍ଶନ।

୧୮୮୬ ଅକ୍ଟୋବର ୨୬ରେ ବାଣପୁର ନିକଟସ୍ଥ ଶ୍ରୀନିବାସପୁର ଶାସନରେ ଜନ୍ମିତ ପଣ୍ଡିତ ଗୋଦାବରୀଶ ମିଶ୍ର ଦାରିଦ୍ର୍ୟ ଓ ସଂଘର୍ଷକୁ ଅତିକ୍ରମ କରି ନିଜ ସାରସ୍ୱତ ପ୍ରତିଭାର ବିକାଶ ସାଧନ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୧୩ରେ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗଦେଇ ଶିକ୍ଷା ଓ ସମାଜସେବାକୁ ଜୀବନବ୍ରତ କରିଥିଲେ। ବକୁଳବନର ସ୍ନିଗ୍ଧତା, ଶାଳିଆର କଳନାଦିନୀ ପ୍ରବାହ ଓ ଚିଲିକାର ଅପରୂପ ନୈସର୍ଗିକ ବିଭବ ତାଙ୍କ କବିମାନସକୁ ସମୃଦ୍ଧ କରିଥିଲା। ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଏହି ବହୁମୁଖୀ ସାରସ୍ୱତ ସାଧକ କବିତା, ଗଳ୍ପ, ଉପନ୍ୟାସ, ନାଟକ ଓ ଆତ୍ମଜୀବନୀ ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ। 'କଳିକା' ଓ 'କିଶଳୟ'ରେ ତାଙ୍କ ମର୍ମସ୍ପର୍ଶୀ ଅନୁଭୂତିର ଅଭିବ୍ୟକ୍ତି ଏବଂ 'ଆଲେଖିକା'ରେ ଗାଥାକାବ୍ୟ ପ୍ରତିଭାର ଉଜ୍ଜ୍ୱଳ ପରିପ୍ରକାଶ ଘଟିଛି। ଲୋକପରମ୍ପରା, ଜନଶ୍ରୁତି ଓ ଆଞ୍ଚଳିକ ଜୀବନାନୁଭୂତିକୁ କାବ୍ୟିକ ମହିମାରେ ରୂପାନ୍ତରିତ କରିବା ଥିଲା ତାଙ୍କ ସୃଜନପ୍ରତିଭାର ଅନନ୍ୟ ବୈଶିଷ୍ଟ୍ୟ।

'କାଳିଜାଈ'ରେ ସେ ଏକ ସାଧାରଣ ଲୋକ କଥାକୁ ମାନବୀୟ ବେଦନାର ସାର୍ବଜନୀନ ଆଖ୍ୟାନରେ ଉନ୍ନୀତ କରିଛନ୍ତି। ଲୋକ କିମ୍ବଦନ୍ତୀ ଅନୁଯାୟୀ, ବାଣପୁର ଅଞ୍ଚଳର ଜଣେ ଗରିବ ଗ୍ରାମୀଣ କନ୍ୟା ଥିଲେ 'ଜାଈ'। ତାଙ୍କର ବିବାହ ଚିଲିକାର ଆରପାରିରେ ଥିବା ପାରିକୁଦ ଅଞ୍ଚଳର ଏକ ଯୁବକଙ୍କ ସହିତ ସ୍ଥିର ହୋଇଥିଲା। ବିବାହ ସମ୍ପନ୍ନ ହେବା ପରେ, ଜାଈ ନିଜ ପିତାଙ୍କ ସହ ଏକ ଡଙ୍ଗାରେ ବସି ଚିଲିକା ପାର ହୋଇ ଶ୍ୱଶୁର ଘରକୁ ଯାଉଥିଲେ। ସେହି ସମୟରେ ଚିଲିକାରେ ଯାତାୟାତ ପାଇଁ କେବଳ କାଠ ଡଙ୍ଗା ହିଁ ଏକମାତ୍ର ମାଧ୍ୟମ ଥିଲା। ଡଙ୍ଗାଟି ଯେତେବେଳେ ଚିଲିକା ମଧ୍ୟଭାଗରେ ଥିବା ଏକ ପାହାଡ଼ ନିକଟ ଦେଇ ଗତି କରୁଥିଲା, ହଠାତ୍ ପାଗ ବଦଳିଗଲା। କାଳବୈଶାଖୀର ଭୀଷଣ ଝଡ଼ତୋଫାନ ଆରମ୍ଭ ହୋଇଗଲା। ଚିଲିକାର ଶାନ୍ତ ଜଳରାଶି ଉଗ୍ର ରୂପ ଧାରଣ କଲା। ପ୍ରବଳ ପବନ ଏବଂ ଉଚ୍ଚା ଢେଉମାଡ଼ରେ ଡଙ୍ଗାଟି ନିୟନ୍ତ୍ରଣ ହରାଇ ବସିଲା। ନାଉରୀ ଓ ଜାଈଙ୍କ ପିତା ଅନେକ ଚେଷ୍ଟା ସତ୍ତ୍ୱେ ଡଙ୍ଗାକୁ ସମ୍ଭାଳି ପାରିଲେ ନାହିଁ। ଶେଷରେ ସେହି କରାଳ ଝଡ଼ ମଧ୍ୟରେ ଡଙ୍ଗାଟି ପାହାଡ଼ ଦେହରେ ପିଟିହେଲା। ଝଡ଼ ଥମିବା ପରେ ଦେଖାଗଲା, ନାଉରୀ ଏବଂ ଜାଈଙ୍କ ପିତା ଜୀବିତ ଅଛନ୍ତି, କିନ୍ତୁ ନବବଧୂ ଜାଈଙ୍କର କୌଣସି ପତ୍ତା ମିଳିଲା ନାହିଁ। ଚିଲିକାର ଅଥଳ ଗର୍ଭରେ ଜାଈ ସବୁଦିନ ପାଇଁ ଲୀନ ହୋଇଯାଇଥିଲେ। ପରବର୍ତ୍ତୀ କାଳରେ ଲୋକବିଶ୍ୱାସରେ ଜାଈ ଦେବୀ କାଳିଜାଈ ରୂପେ ପୂଜିତ ହେଲେ।

କାଳିଜାଈ ଓଡ଼ିଶାର ଲୋକସଂସ୍କୃତି ଓ ଆଧ୍ୟାତ୍ମିକତାର ଏକ ଶ୍ରେଷ୍ଠ କେନ୍ଦ୍ର, ଏହା ଓଡ଼ିଆ ଜାତିର ସ୍ପନ୍ଦନ, କବିର କଳ୍ପନା ଏବଂ ଭକ୍ତର ବିଶ୍ୱାସର ପ୍ରତୀକ। ମତ୍ସ୍ୟଜୀବୀ ଓ ନୌଚାଳକଙ୍କ ପାଇଁ ମା' କାଳିଜାଈ ପରମ ଆରାଧ୍ୟା ଓ ଅଗାଧ ଆସ୍ଥାର ପ୍ରତୀକ। ସେମାନଙ୍କ ବିଶ୍ୱାସ, ମା'ଙ୍କ କୃପା ରହିଲେ ଚିଲିକାର ଜଳରାଶିରେ ଯାତ୍ରା ସୁରକ୍ଷିତ ରହେ ଏବଂ ବିପଦରୁ ରକ୍ଷା ମିଳେ। ପ୍ରତିବର୍ଷ ମକର ସଂକ୍ରାନ୍ତିରେ କାଳିଜାଈ ପୀଠରେ ଆୟୋଜିତ ବିଶାଳ ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁ ଦେବୀଙ୍କ ଦର୍ଶନ ଓ ଚିଲିକାରେ ପବିତ୍ର ବୁଡ଼ ପକାଇବା ପାଇଁ ସମବେତ ହୁଅନ୍ତି। ଦ୍ୱୀପସ୍ଥିତ ମନ୍ଦିରରେ ମା' କାଳିଜାଈ ପୂଜା ପାଉଛନ୍ତି। ଭକ୍ତମାନେ ନାଲି ଓଢ଼ଣୀ, ଚୁଡ଼ି ଓ ମନ୍ଦାର ମାଳ ଅର୍ପଣ କରି ନିଜର ମାନସିକ ଓ ଭକ୍ତିନୈବେଦ୍ୟ ନିବେଦନ କରନ୍ତି। ମନ୍ଦିର ପରିସରର ଶାନ୍ତ, ପବିତ୍ର ଓ ଭକ୍ତିମୟ ପରିବେଶ ଶ୍ରଦ୍ଧାଳୁଙ୍କ ମନରେ ଅପାର ଆଧ୍ୟାତ୍ମିକ ପ୍ରଶାନ୍ତି ଭରିଦିଏ। ପ୍ରକୃତିର ଶୋଭା ସାଙ୍ଗକୁ ମାନବୀୟ ସେହି କରୁଣ ଗାଥା କାଳିଜାଈକୁ ଓଡ଼ିଶାର ଏକ କାଳଜୟୀ କୀର୍ତ୍ତିରେ ପରିଣତ କରିଛି।

ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'କାଳିଜାଈ' ଓଡ଼ିଆ ଗାଥାକାବ୍ୟ ପରମ୍ପରାର ଏକ ଅନନ୍ୟ ସାରସ୍ୱତ ସ୍ମାରକ। କରୁଣ ରସର ଗଭୀରତା, ପ୍ରକୃତିଚିତ୍ରଣର ନୈସର୍ଗିକ ମାଧୁର୍ଯ୍ୟ ଓ ମାନବୀୟ ସମ୍ବେଦନାର ମର୍ମସ୍ପର୍ଶୀ ଅଭିବ୍ୟକ୍ତି ଏହାକୁ ସ୍ୱତନ୍ତ୍ର କାବ୍ୟିକ ମର୍ଯ୍ୟାଦା ପ୍ରଦାନ କରିଛି। ଜାଈର ଅକାଳ ବିୟୋଗ ଓ ପିତୃହୃଦୟର ଅସହାୟ ବିଳାପକୁ କବି ଏପରି କଳାତ୍ମକ ନୈପୁଣ୍ୟରେ ରୂପାୟିତ କରିଛନ୍ତି ଯେ, ଏକ ଆଞ୍ଚଳିକ ଲୋକକିମ୍ବଦନ୍ତୀ ସାର୍ବଜନୀନ ମାନବୀୟ ବେଦନାର ଶାଶ୍ୱତ ଅଭିବ୍ୟକ୍ତିରେ ପରିଣତ ହୋଇଛି। ଲୋକସଂସ୍କୃତି, ସାମୂହିକ ସ୍ମୃତି ଓ ସାହିତ୍ୟିକ ସୌନ୍ଦର୍ଯ୍ୟର ସମାବେଶ 'କାଳିଜାଈ'କୁ କାଳୋତ୍ତୀର୍ଣ୍ଣ କରିଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପ୍ରଥମ 'ଏ' ଟେଷ୍ଟ୍ : ଭାରତର ଚମତ୍କାର ପ୍ରତ୍ୟାବର୍ତ୍ତନ

**ଲିନ୍‌କନ୍‌**

ସ୍ଥାନୀୟ ବର୍ଟ ସୁଟ୍‌କ୍ଲିଫ୍ ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଅନୌପଚାରିକ ଟେଷ୍ଟର ଦ୍ୱିତୀୟ ପାଳିରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଭାରତ ୨୮୪ ରନ୍‌ରେ ଆଗୁଆ ହୋଇଯାଇଛି। ପ୍ରଥମ ପାଳିରେ ମାତ୍ର ୧୧୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିବା ଭାରତ ଦ୍ୱିତୀୟ ପାଳିରେ ତୃତୀୟ ଦିନର ଷ୍ଟମ୍ପସ ବେଳକୁ ୪୮୮/୮ କରି ବ୍ୟାଟିଂ ଜାରି ରଖିଛି। ୱାସିଂଟନ୍ ସୁନ୍ଦର (୫୧*) ଓ ଆକାଶ ଦୀପ (୦*) ଅପରାଜିତ ଅଛନ୍ତି। ସୋମବାର ୧୦୬/୨ରୁ ଖେଳ ଆରମ୍ଭ କରିଥିବା ଭ୍ରମଣକାରୀ ଭାରତ ଏଥିରେ ୩୮୨ ରନ୍ ଯୋଡ଼ି ଆଉ ୬ ୱିକେଟ୍ ହରାଇଛି।

ରବିବାରର ଦୁଇ ଅପରାଜିତ ବ୍ୟାଟର ଦେବଦତ୍ତ ପଡ଼ିକଲ (୧୯୯) ମାତ୍ର ୧ ରନ୍ ପାଇଁ ଦ୍ୱିଶତକରୁ ଏବଂ ସାଇ ସୁଦର୍ଶନ (୯୧) ୯ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ୨୧୫ ରନ୍‌ର ଭାଗୀଦାର ଗଢ଼ି ଦଳର ସ୍ଥିତି ଦୃଢ଼ କରିଥିଲେ। ଅଧିନାୟକ ଧ୍ରୁବ ଜୁରେଲ (୨) ବିଫଳ ହୋଇଥିଲେ। ହେଲେ ନିମ୍ନ କ୍ରମରେ ଯଶ୍ ରାଠୋଡ଼ (୬୬), ଆକ୍ୱିବ ନବି (୩୮) ଓ ଅଂଶୁଲ କମ୍ବୋଜ (୨୩) ଭଲ କରିବାରୁ ଭାରତ ୩୦୦ ରନ୍ ଆଗରେ ରହିବାର ଆଶା ସଞ୍ଚାର କରିଛି।

ଘରୋଇ ଦଳ ପ୍ରଥମ ପାଳିରେ ୩୧୭ ରନ୍ କରି ୨୦୪ ରନ୍‌ର ଅଗ୍ରଣୀ ନେଇଥିଲା। ସଂକ୍ଷିପ୍ତ ସ୍କୋର : ଭାରତ 'ଏ' ପ୍ରଥମ ପାଳି ୧୧୩। ନ୍ୟୁଜିଲାଣ୍ଡ 'ଏ' ପ୍ରଥମ ପଳି ୩୧୭। ଭାରତ 'ଏ' ଦ୍ୱିତୀୟ ପାଳି ୧୧୮ ଓଭରରେ ୪୮୮/୮ (ଦେବଦତ୍ତ ପଡ଼ିକଲ ୧୯୯, ସାଇ ସୁଦର୍ଶନ ୯୧, ଯଶ୍ ରାଠୋଡ଼ ୬୬, ୱାସିଂଟନ୍ ସୁନ୍ଦର ୫୧ଅ, ଜ୍ୟାକ୍ ଗିବ୍‌ସନ୍ ୨/୫୮, କ୍ରିଷ୍ଟିଆନ୍ କ୍ଲାର୍କ ୨/୯୯)।



## ଆଇଡବ୍ଲୁଏଫଙ୍କର ଐତିହାସିକ ନିଷ୍ପତ୍ତି

# ଅହମ୍ମଦାବାଦରେ ଆୟୋଜିତ ହେବ ୨୦୨୯ ଭାରୋତ୍ତୋଳନ ବିଶ୍ୱ ଚାମ୍ପିଅନସିପ୍

**ନୂଆଦିଲ୍ଲୀ**

ଗୁଜରାଟର ଅହମ୍ମଦାବାଦ ସହର ବର୍ଷ ୨୦୨୯ରେ ସିନିୟର ଭାରୋତ୍ତୋଳନ ବିଶ୍ୱ ଚାମ୍ପିଅନସିପ୍‌ର ଆୟୋଜନ କରିବ। ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ ଚୀନ୍‌ର ନିଙ୍ଗବୋଠାରେ ଆୟୋଜିତ କାର୍ଯ୍ୟନିର୍ବାହୀ ବୋର୍ଡର ବୈଠକ ପରେ ଏହାର ଆଧିକାରିକ ଘୋଷଣା କରିଛି। ଏହି ଆୟୋଜନ ସହିତ ଭାରତ ପ୍ରଥମ ଥର ପାଇଁ ସିନିୟର ଭାରୋତ୍ତୋଳନ ବିଶ୍ୱ ଚାମ୍ପିଅନସିପ୍‌ର ଆୟୋଜନ କରିବାକୁ ଯାଉଛି।



ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ ନିଜର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ବର୍ଷ ୨୦୨୯ ଏବଂ ୨୦୩୦ର ସିନିୟର ବିଶ୍ୱ ଚାମ୍ପିଅନସିପ୍ ଆୟୋଜନ କରିବାକୁ ଥିବା ସହରଗୁଡ଼ିକୁ ଚୟନ କରିଛି। ଏହା ଅଧୀନରେ ୨୦୨୯ର ପ୍ରତିଯୋଗିତା ଅହମ୍ମଦାବାଦରେ ଆୟୋଜିତ ହେବ, ଯେତେବେଳେ କି ବର୍ଷ ୨୦୩୦ର ଆୟୋଜନ ଦାୟିତ୍ୱ ରୁଷର ରାଜଧାନୀ ମସ୍କୋକୁ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବୋର୍ଡ ବର୍ଷ ୨୦୨୮ର ବିଶ୍ୱ ଯୁବ ଭାରୋତ୍ତୋଳନ ଚାମ୍ପିୟନସିପ୍‌ର ଆୟୋଜନ ଦାୟିତ୍ୱ କୋସୋଭୋର ରାଜଧାନୀ ପ୍ରିଷ୍ଟିନା ଏବଂ ବିଶ୍ୱ ଜୁନିୟର ଚାମ୍ପିୟନସିପ୍‌ର ଆୟୋଜନ ଦାୟିତ୍ୱ ଭେନେଜୁଏଲାର ରାଜଧାନୀ କାରାକାସକୁ ଦେବାକୁ ନିଷ୍ପତ୍ତି ନେଇଛି।

ଅହମ୍ମଦାବାଦକୁ ସିନିୟର ଭାରୋତ୍ତୋଳନ ବିଶ୍ୱ ଚାମ୍ପିଅନସିପ୍‌ର ଆୟୋଜନ ଦାୟିତ୍ୱ ମିଳିବା ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ବଡ଼ ସଫଳତା। ଆଇଡବ୍ଲ୍ୟୁଏଫ୍‌ର ମହାସଚିବ ଜୋସ୍ କ୍ୱିନୋନେସ କହିଛନ୍ତି ଯେ ମହାସଂଘକୁ ମିଳିଥିବା ସମସ୍ତ ଆୟୋଜନ ପ୍ରସ୍ତାବ ଉତ୍କୃଷ୍ଟ ଥିଲା ଏବଂ ସମ୍ପୃକ୍ତ ଦେଶଗୁଡ଼ିକରେ ହେବାକୁ ଥିବା ପ୍ରତିଯୋଗିତାଗୁଡ଼ିକ ସଫଳ ହେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ସେ ଏହା ମଧ୍ୟ କହିଛନ୍ତି ଯେ କୋସୋଭୋ, ଭେନେଜୁଏଲା ଓ ଭାରତ ପ୍ରଥମ ଥର ପାଇଁ ଆଇଡବ୍ଲ୍ୟୁଏଫ୍‌ର ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରିବେ। ଏହା ଏହି କଥାର ସଙ୍କେତ ଦେଉଛି ଯେ ଭାରୋତ୍ତୋଳନ ଖେଳ ସାରା ବିଶ୍ୱରେ ବିସ୍ତାର କରୁଛି ଏବଂ ବିଭିନ୍ନ ଦେଶରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିବା ନେଇ ଆଗ୍ରହ ବଢ଼ୁଛି।

ଅହମ୍ମଦାବାଦକୁ ୨୦୨୯ର ଭାରୋତ୍ତୋଳନ ବିଶ୍ୱ ଚାମ୍ପିଅନସିପ୍‌ର ଆୟୋଜନ ଦାୟିତ୍ୱ ମିଳିବା ଦ୍ୱାରା ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ସହରର ପରିଚୟ ଆହୁରି ମଜଭୁତ ହେବ। ଏହା ପୂର୍ବରୁ ଅହମ୍ମଦାବାଦକୁ ବର୍ଷ ୨୦୩୦ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜନ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇସାରିଛି। ଏହା ବ୍ୟତୀତ ଭାରତ ବର୍ଷ ୨୦୩୬ର ଅଲିମ୍ପିକ୍ କ୍ରୀଡ଼ା ଆୟୋଜନ ଦାୟିତ୍ୱ ହାସଲ କରିବା ପାଇଁ ମଧ୍ୟ ପ୍ରୟାସ କରୁଛି। ଏଭଳି ପରିସ୍ଥିତିରେ ଅହମ୍ମଦାବାଦରେ କ୍ରମାଗତ ଭାବେ ବଡ଼ ବଡ଼ କ୍ରୀଡ଼ା ଆୟୋଜନର ପ୍ରସ୍ତୁତି ଏବଂ ଆୟୋଜନକୁ ଭାରତର ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ବିସ୍ତାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି।

ଆଇଡବ୍ଲ୍ୟୁଏଫ୍ ଜଣାଇଛି ଯେ, ଆଗାମୀ ବର୍ଷଗୁଡ଼ିକରେ ଅନ୍ତର୍ଜାତୀୟ ପ୍ରତିଯୋଗିତା କ୍ୟାଲେଣ୍ଡରକୁ ଅଧିକ ବ୍ୟବସ୍ଥିତ ଓ ମଜଭୁତ କରିବା ଉଦ୍ଦେଶ୍ୟରେ ଚାରିଟି ବିଶ୍ୱ ଚାମ୍ପିଅନସିପ୍‌ର ଆୟୋଜକ ଦେଶଗୁଡ଼ିକୁ ଏକାସଙ୍ଗେ ଚୟନ କରାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଆୟୋଜକ ଦେଶଗୁଡ଼ିକୁ ପ୍ରତିଯୋଗିତାର ପ୍ରସ୍ତୁତି ସମୟ ଥାଇ ଆରମ୍ଭ କରିବାରେ ସହାୟତା ମିଳିବ।

# ଆଇଡବ୍ଲ୍ୟୁଏଲ୍-୨ : ପରାଜୟରୁ ସ୍ପୋର୍ଟ୍ସ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର**

ଚଳିତ ଆଇଡବ୍ଲ୍ୟୁଏଲ୍-୨ ଫୁଟ୍‌ବଲ୍ ପ୍ରତିଯୋଗିତାରେ ସ୍ପୋର୍ଟ୍ସ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ସ୍ଥାନୀୟ କ୍ୟାପିଟାଲ ଏରିନାରେ ଖେଳାଯାଇଥିବା ଗ୍ରୁପ୍-ବି' ମ୍ୟାଚ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ୨–୩ ଗୋଲ୍‌ରେ ଇମ୍ଫାଲର ୟୁଥ୍ ୱେଲ୍‌ଫେୟାର କ୍ଲବ୍‌ଠୁ ହାରିଯାଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ୨୫ତମ ମିନିଟ୍‌ରେ ମନୀଷା ନାୟକଙ୍କ ଗୋଲ୍‌ରେ ସ୍ପୋର୍ଟ୍ସ ଓଡ଼ିଶା ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା।



ପ୍ରଥମାର୍ଦ୍ଧରେ ୧–୦ରେ ଶେଷ ହେବା ପରେ ୫୬ତମ ମିନିଟ୍‌ରେ ୟୁଥ୍ ୱେଲ୍‌ଫେୟାର କ୍ଲବ୍‌ର ଫାଞ୍ଜୌବାମ ଅବେମା ଦେବୀ ଗୋଲ୍‌ଟି ଶୁଝି ସ୍ଥିତି ବରାବର କରିଥିଲେ। ୭୨ତମ ମିନିଟ୍‌ରେ ସତ୍ୟବତୀ ଖଡ଼ିଆଙ୍କ ଗୋଲ୍‌ରେ ଓଡ଼ିଶା ପୁଣି ଆଗୁଆ ହୋଇଥିଲେ। ହେଲେ ଏହାପରେ ରୋଜି ଥାଙ୍ଗା (୭୪ ମିନିଟ୍) ଓ ହେରିନା ବାସୁମତାରି (୮୩ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରି ୟୁଥ୍ ୱେଲଫେୟାରକୁ ବିଜୟ ଦେଇଥିଲେ।

## ପ୍ରକାଶ ପାଇଲା ରାଇଜିଂ ଏସିଆ କପ୍ ୨୦୨୬ର ମ୍ୟାଚ୍ ସୂଚୀ

# ପୁଣିଥରେ ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ !

**ନୂଆଦିଲ୍ଲୀ**

ଏସିଆ କପ୍‌ରେ ଭାରତ ଏବଂ ପାକିସ୍ତାନର ମହାଲଢ଼େଇକୁ କ୍ରିକେଟ୍ ପ୍ରେମୀମାନେ ସଦାବେଳେ ଚାହିଁ ରହିଥାନ୍ତି। ବର୍ତ୍ତମାନ ପୁଣି ଥରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏସିଆନ୍ କ୍ରିକେଟ କାଉନ୍ସିଲ୍ ଅର୍ଥାତ୍ ଏସିସି ରାଇଜିଂ ଏସିଆ କପ୍ ୨୦୨୬ର ମ୍ୟାଚ୍ ସୂଚୀ ଘୋଷଣା କରିଦେଇଛି। କତାରର ରାଜଧାନୀ ଦୋହାଠାରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଏବଂ ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି। ଦୁଇ ଦଳ ମଧ୍ୟରେ ଏହି ମ୍ୟାଚ୍ ଆସନ୍ତା ୨୨ ନଭେମ୍ବରରେ ଖେଳାଯିବ।



ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୯ରୁ ୨୯ ନଭେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେବ। ଭାରତ ଏବଂ ପାକିସ୍ତାନ ବ୍ୟତୀତ ନେପାଳ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ଏହି ଗ୍ରୁପ୍‌ରେ ସାମିଲ ଅଛନ୍ତି। ଦୁଇ ଦଳ ମଧ୍ୟରେ ହେବାକୁ ଥିବା ଏହି ମହାଲଢ଼େଇ ୱେଷ୍ଟ ଏଣ୍ଡ୍ ପାର୍କ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ମ୍ୟାଚ୍ ଉପରେ ପ୍ରଶଂସକଙ୍କର ସ୍ୱତନ୍ତ୍ର ନଜର ରହିବ, କାରଣ ଭାରତ ଏବଂ ପାକିସ୍ତାନର ଯୁବ ଖେଳାଳିମାନଙ୍କୁ ନିଜର ପ୍ରତିଭା ଦେଖାଇବା ପାଇଁ ଏକ ବଡ଼ ସୁଯୋଗ ମିଳିବ।

ରାଇଜିଂ ଏସିଆ କପ୍‌ରେ ସାଧାରଣତଃ ଦଳଗୁଡ଼ିକ ନିଜର 'ଏ' ସ୍କ୍ୱାଡ୍ ସହିତ ମଇଦାନକୁ ଓହ୍ଲାଇଥାନ୍ତି। ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବ ଏବଂ ଉଦୀୟମାନ ଖେଳାଳିମାନଙ୍କୁ ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ପ୍ରମାଣିତ କରିବାର ସୁଯୋଗ ଦେବା। ଟୁର୍ଣ୍ଣାମେଣ୍ଟର ଅଧିକାଂଶ ମ୍ୟାଚ୍ ୱେଷ୍ଟ ଏଣ୍ଡ୍ ପାର୍କ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ, ଯେତେବେଳେ କି କିଛି ମ୍ୟାଚ୍ ୟୁନିଭର୍ସିଟି ଅଫ୍ ଦୋହା ଫର୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅର୍ଥାତ୍ ୟୁଡିଏସଟି କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।

ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୯ ନଭେମ୍ବରରେ ବାଂଲାଦେଶ ଏବଂ ହଂକଂ ମଧ୍ୟରେ ମ୍ୟାଚ୍ ସହିତ ଆରମ୍ଭ ହେବ। ଏହି ଦିନ ଶ୍ରୀଲଙ୍କା ଏବଂ ଆଫଗାନିସ୍ତାନ ଦଳ ମଧ୍ୟ ମୁହାଁମୁହିଁ ହେବେ। ଭାରତ ୨୦ ନଭେମ୍ବରରେ ନେପାଳ ବିପକ୍ଷରେ ମ୍ୟାଚ୍ ଖେଳି ନିଜର ଅଭିଯାନ ଆରମ୍ଭ କରିବ। ଏହା ପରେ ୨୨ ନଭେମ୍ବରରେ ଭାରତର ସାମ୍ନା ପାକିସ୍ତାନ ସହିତ ହେବ। ଭାରତୀୟ ଦଳ ୨୪ ନଭେମ୍ବରରେ ୟୁଏଇ ବିପକ୍ଷରେ ଗ୍ରୁପ୍ ପର୍ଯ୍ୟାୟର ଶେଷ ମ୍ୟାଚ୍ ଖେଳିବ। ସେମିଫାଇନାଲ ମ୍ୟାଚ୍‌ଗୁଡ଼ିକ ୨୬ ଏବଂ ୨୭ ନଭେମ୍ବରରେ ଖେଳାଯିବାକୁ ଥିବାବେଳେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ୨୯ ନଭେମ୍ବରରେ ଅନୁଷ୍ଠିତ ହେବ। ଏହି ଟାଇଟଲ୍ ଲଢ଼େଇ ୱେଷ୍ଟ ଏଣ୍ଡ୍ ପାର୍କ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଆୟୋଜିତ କରାଯିବ।

## ବୈଭବ ସୂର୍ଯ୍ୟବଂଶୀଙ୍କ ସାନଭାଇ କଲେ କମାଲ

# ୧୪ ଚୌକା ଓ ୪ ଛକା ସହ ମାରିଲେ ବିସ୍ଫୋରକ ଶତକ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍‌ରେ ନିଜର ବିସ୍ଫୋରକ ବ୍ୟାଟିଂ ବଳରେ ଅଳ୍ପ ବୟସରୁ ହିଁ ଦବ୍‌ଦବା ଜାହିର କରିଥିବା ରାଜସ୍ଥାନ ରୟାଲ୍ସର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କ ଘରୁ ଆଉ ଏକ ଅସାଧାରଣ ପ୍ରତିଭା ସାମ୍ନାକୁ ଆସୁଛି। ବୈଭବଙ୍କ ମାତ୍ର ୧୦ ବର୍ଷର ସାନ ଭାଇ ଆଶୀର୍ବାଦ ସୂର୍ଯ୍ୟବଂଶୀ ମଧ୍ୟ ନିଜ ବଡ଼ ଭାଇଙ୍କ ପଦାଙ୍କ ଅନୁସରଣ କରି କ୍ରିକେଟ୍ ମଇଦାନରେ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ସ୍ଥାପନ କରି ଚାଲିଛନ୍ତି। ସ୍ଥାନୀୟ କ୍ରିକେଟ୍‌ରେ ନିଜର ଅସାଧାରଣ ପ୍ରଦର୍ଶନ ବଳରେ ଆଶୀର୍ବାଦ ସୂର୍ଯ୍ୟବଂଶୀ ବର୍ତ୍ତମାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି।



ନିକଟରେ ଖେଳାଯାଇଥିବା ଏକ ସ୍ଥାନୀୟ ମ୍ୟାଚ୍‌ରେ ୧୦ ବର୍ଷୀୟ ଆଶୀର୍ବାଦ ସୂର୍ଯ୍ୟବଂଶୀ ନିଜର ଦମ୍‌ଦାର ବ୍ୟାଟିଂର ପ୍ରଦର୍ଶନ କରି ଏକ ସ୍ମରଣୀୟ ଶତକୀୟ ଇନିଂସ ଖେଳିଛନ୍ତି। ଏହି ମ୍ୟାଚ୍‌ର ସ୍କୋରକାର୍ଡକୁ ଆଶୀର୍ବାଦଙ୍କ ବଡ଼ ଭାଇ ଉଜ୍ଜ୍ୱଳ ସୂର୍ଯ୍ୟବଂଶୀ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ମ୍ୟାଚ୍‌ରେ ଆଶୀର୍ବାଦ ମାତ୍ର ୮୭ଟି ବଲ୍‌ର ସାମ୍ନା କରି ଅପରାଜିତ ୧୦୭ ରନ୍‌ର ଏକ ବିସ୍ଫୋରକ ପାଳି ଖେଳିଥିଲେ। ନିଜର ଏହି ଅତୁଳନୀୟ ପାଳି ମଧ୍ୟରେ ସେ ପଡ଼ିଆର ଚତୁର୍ଦ୍ଦିଗରେ ଚୌକା ଓ ଛକା ବର୍ଷା କରି ୧୪ଟି ଚୌକା ଏବଂ ୪ଟି ଗଗନଚୁମ୍ବୀ ଛକା ମାରିଥିଲେ।

ଏହି ମ୍ୟାଚ୍‌ରେ ଆଶୀର୍ବାଦଙ୍କ ପାଳିର ଗୁରୁତ୍ୱ ଏହି କଥାରୁ ହିଁ ଅନୁମାନ କରାଯାଇପାରେ ଯେ, ତାଙ୍କ ଦଳର ବାକି ୯ ଜଣ ବ୍ୟାଟ୍ସମ୍ୟାନ୍ ମିଶି ମଧ୍ୟ ୨୦ ରନ୍‌ର ସଂଖ୍ୟା ପାର୍ କରିବାରେ ବିଫଳ ହୋଇଥିଲେ। ସମ୍ପୂର୍ଣ୍ଣ ଦଳ ୱିକେଟ୍ ହରାଇ ଚାଲିଥିବା ସତ୍ତ୍ୱେ ଆଶୀର୍ବାଦ ଗୋଟିଏ ପଟେ ପାହାଡ଼ ଭଳି ଠିଆ ହୋଇ ରହିଥିଲେ ଏବଂ ସେ ଏକାକୀ ନିଜ ଦମରେ ଦଳକୁ ୨ ୱିକେଟ୍‌ରେ ଏକ ଅତି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଐତିହାସିକ ବିଜୟ ଦେଇଥିଲେ। ଏହି କୁନି ଖେଳାଳି ଜଣକ ବ୍ୟାଟ୍‌ରେ ଏଭଳି ବିଧ୍ୱଂସୀ ପ୍ରଦର୍ଶନ କରିବା କିଛି ପ୍ରଥମ ଘଟଣା ନୁହେଁ। ଏହାପୂର୍ବରୁ ଜୁନ୍ ମାସରେ ମଧ୍ୟ ଆଶୀର୍ବାଦ ନିଜର କ୍ରମାଗତ ଶତକୀୟ ପାଳିକୁ ନେଇ ବେଶ୍ ଚର୍ଚ୍ଚାରେ ଆସିଥିଲେ।

କ୍ରିକେଟ୍ ପ୍ରତି ପାଗଳାମି ରଖୁଥିବା ସୂର୍ଯ୍ୟବଂଶୀ ପରିବାରରେ ପ୍ରତିଭାର କୌଣସି ଅଭାବ ନାହିଁ। ବୈଭବ ସୂର୍ଯ୍ୟବଂଶୀଙ୍କର ଦୁଇ ଭାଇ ଅଛନ୍ତି। ବୈଭବ ବଡ଼ ଭାଇଙ୍କ ନାମ ଉଜ୍ଜ୍ୱଳ ସୂର୍ଯ୍ୟବଂଶୀ ଏବଂ ସାନ ଭାଇଙ୍କ ନାମ ଆଶୀର୍ବାଦ ସୂର୍ଯ୍ୟବଂଶୀ। ଯେତେବେଳେ କି ବୈଭବ ଅତି କମ୍ ବୟସରେ ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିବା ସବୁଠାରୁ ଯୁବ ଖେଳାଳି ହୋଇ ଇତିହାସ ରଚିସାରିଛନ୍ତି ଏବଂ ଏହି ସମୟରେ ନ୍ୟୁଜିଲାଣ୍ଡ ଗସ୍ତରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ପାଇଁ ଭାରତୀୟ ଦଳର ଅଂଶ ଅଛନ୍ତି, ସେହିପରି ଅନ୍ୟପଟେ ବର୍ତ୍ତମାନ ତାଙ୍କ ସାନ ଭାଇ ଆଶୀର୍ବାଦ ମଧ୍ୟ ଜୁନିୟର କ୍ରିକେଟ୍ ସର୍କଲରେ ଦ୍ରୁତ ଗତିରେ ନିଜର ନାମ କମାଉଛନ୍ତି।

# ଦୁର୍ନୀତିମୁକ୍ତ ପ୍ରଶାସନ ଓ ସ୍ୱଚ୍ଛ ସେବା ପ୍ରଦାନ ଉପରେ ଜିଲ୍ଲା ପ୍ରଶାସନର ପ୍ରାଥମିକତା



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ପ୍ରଶାସନିକ ସ୍ୱଚ୍ଛତା ଏବଂ ଦୁର୍ନୀତି ନିବାରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ଦୁର୍ନୀତି ନିବାରଣ ସପ୍ତାହର ପ୍ରଥମ ଦିନରେ ଜନଶୁଣାଣି ଅଭିଯୋଗ ଶୁଣାଣି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ସାଧୁତାର ଶପଥ ଗ୍ରହଣ କରିଛନ୍ତି। ରାଜବୋଡ଼ାସମ୍ବର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ।

ସୋମବାରଠାରୁ 'ଦୁର୍ନୀତି ନିବାରଣ ସପ୍ତାହ'ର ଶୁଭାରମ୍ଭ ହୋଇଥିବା ବେଳେ ଆଗାମୀ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ବିଭାଗ ତରଫରୁ ବିଭିନ୍ନ ସଚେତନତା ଓ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମମାନ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଶ୍ରୀ ଗୋୟଲଙ୍କ ସହିତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ କୁଲୁ ଏବଂ ଉପ-ଜିଲ୍ଲାପାଳ ହେମସାଗର ଭୋଇ ପ୍ରମୁଖ ଏହି ଶପଥ ପାଠ କାର୍ଯ୍ୟକ୍ରମରେ ସାମିଲ ହୋଇ ଥିଲେ। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସାଙ୍ଗକୁ ସେମାନଙ୍କୁ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରଶାସନିକ ସେବା ଯୋଗାଇ ଦେବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

Phone No. (06854) 241159 / 232714
Email: ceo@koraputccb.bank.in

39001/63/2627

KORAPUT CENTRAL CO-OPERATIVE BANK LTD.,
HEAD OFFICE: N.K.T. ROAD, JAYAPUR – 764003: DIST: KORAPUT (ODISHA)

Letter No. 3057 / P&S / 2026-27 / Date 15.10.2026

QUOTATION CALL NOTICE

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before Dt.22.10.2026 by 5.30 P.M latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jayapur at the time of submission of tender. The sealed tender notice should be highlighted as CCTV Camera on envelop.

The tender will be opened on Dtd. 23.10.2026 at 4.00 P.M in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl.No. | Item Description | Make | Quantity |
|---|---|---|---|
| 1 | 8 Channel NVR 2 SATA | Prama | 01 |
| 2 | 8TB Surveillance grade hard Disk (Capacity: 180 Days recording approximately) | Seagate | 02 |
| 3 | 2MP IP Bullet Camera (STQC CERTIFIED) | Prama | 02 |
| 4 | 2MP IP Dome Camera (STQC CERTIFIED) | Prama | 04 |
| 5 | 8 Port Poe Switch | Hifocus | 01 |
| 6 | CAT 6 Network Cable | Hifocus | Per meter |
| 7 | PVC Conduit Pipe | Deluxe | Per meter |
| 8 | Steel Cabinet 4U Rack Unit | Prama | 01 |
| 9 | Registered Jack 45 Connector | Honeywell | 12 |
| 10 | 5*5 PVC Box | Deluxe | 06 |
| 11 | Wire Less Mouse | Deluxe | 01 |
| 12 | HDMI Cable | Rapoo | 01 |
| 13 | USB Cable | Portronics | 01 |
| 14 | 32" Inch Tv | LG | 01 |
| 15 | Installation Charges | Per Branch Bank | 01 |

The above items should be quoted including GST, Transportation, Installation charges and supply at the branch bank site (Undivided Koraput District i.e., Koraput, Nabarangpur, Malkangiri & Rayagada) of the Koraput Central Cooperative Bank Ltd., Jayapur. The quotation received incomplete or after the scheduled date shall be rejected and will not be entertained by the Bank. The quotation is available in our website www.koraputccb.bank.in. The quoted price should be valid for 1 (one) year. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S,
KCC Bank Ltd., Head Office, Jayapur.
Mobile No. : 97775 19964.

Sd/- Secretary
KCC Bank Ltd., Jayapur.

OIPR-39001/39035/1/26-27/0003

32001/1120/2627

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, BOUDH
At/Po-Malisahi, District - Boudh, Odisha, PIN-762014
E-mail ID: bmidbdh@gmail.com

e-PROCUREMENT NOTICE No. SEMIDB-07/2026-27

Letter No 1326 Date. 23.10.26

| | | |
|---|---|---|
| 01 | Total No. of Works | : 03 (Three) |
| 02 | Estimated Cost | : Varies from Rs. 58.47 Lakh to 72.18 Lakh |
| 03 | Period of Completion | : 06 (Six) Calendar Months |
| 04 | Date & Time of availability of Bid Document in the portal | : 28.10.2026 at 11.00 AM |
| 05 | Last Date/Time for receipt of bids in the portal | : 07.11.2026 up to 05.00 PM |
| 06 | Date of Opening of Bid | : 09.11.2026 at 11.00 AM |
| 07 | Name & Address of the officer Inviting Bid | : Superintending Engineer, MI Division, Boudh At/Po-Malisahi, District - Boudh, PIN - 762014 |

Further details can be seen from the Government of Odisha WebSite:-www.tendersorissa.gov.in

Sd/-Superintending Engineer
M.I. Division, Boudh

OIPR-32001/32279/1/26-27/0005

# ଖଣ୍ଡଗିରି ଶ୍ରୀମଦ୍ ବାବା ବଳିଆଙ୍କ ଆଶ୍ରମରେ ତୁଳସୀ ଉପବନ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖଣ୍ଡଗିରିର ପାଦଦେଶର ଶ୍ରୀମଦ୍ ବାବା ବଳିଆଙ୍କ ପ୍ରତିଷ୍ଠିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ କେନ୍ଦ୍ରାପଡ଼ାର ପ୍ରଭୁ ବଳଭଦ୍ରଙ୍କ ଉଦ୍ଦେଶ୍ୟର ଶ୍ରୀଅଙ୍ଗ ତୁଳସୀ ସେବା ପାଇଁ ଏକ ତୁଳସୀ ଉପବନକୁ ପ୍ରଭୁଙ୍କ ପ୍ରତି ସମର୍ପିତ ତୁଳସୀ ବାବା ଭାବେ ପରିଚିତ ବାବା ରାମଚରଣ ଦାସ, ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ରବିବାର ପ୍ରଭୁ ଶିଶୁ ଅନନ୍ତଙ୍କ ଗାଦୀ ପ୍ରତିଷ୍ଠା ଦିବସ ଅବସରରେ, ଆଶ୍ରମ ପରିସରରେ ବିଶିଷ୍ଟ ବ୍ୟକ୍ତିମାନେ ତୁଳସୀ ଚାରା ରୋପଣ କରିବା ପରେ ଏକ ସଂକ୍ଷିପ୍ତ ସଭାରେ ଆଶ୍ରମର ଅଧକ୍ଷ ବାବା ରାଧେଶ୍ୟାମ ଦାସ ରାଜୁଭାଇ ଅଧକ୍ଷତା କରିଥିଲେ। ଉଦ୍‌ଘାଟକ ତୁଳସୀ ବାବା ତାଙ୍କ ଆଶୀର୍ବଚନରେ କହିଲେ ଯେ, ପ୍ରଭୁଙ୍କ ଇଚ୍ଛାରେ ଓ ଶ୍ରୀମଦ୍ ବାବା ବଳିଆଙ୍କ ଆଶୀର୍ବାଦରେ ଏହି କାର୍ଯ୍ୟଟି ହୋଇଥିବାରୁ ଆମ୍ଭଭଳି ସେବକର ଖୁସି କହିଲେ ନସରେ। ତୁଳସୀ ତ ମୋ ସାଆନ୍ତଙ୍କର ଅତି ପ୍ରିୟ, ତା ସହିତ ଦୟଣା ବାସ୍ନାଯୁକ୍ତ ଫୁଲ ବଗିଚାର ମଧ୍ୟ ଆବଶ୍ୟକତା ରହିଛି। ପ୍ରଭୁ ଚାହିଁଲେ ହିଁ ତାଙ୍କ କାର୍ଯ୍ୟ ହୋଇଥାଏ।



ଅନନ୍ତପ୍ରଭାର ସମ୍ପାଦକ ତଥା ଶ୍ରୀମଦ୍ ବାବାଙ୍କ ପ୍ରତି ସମର୍ପିତ ବାବା ପ୍ରଣବାନନ୍ଦ ଦାସ ମନୁଭାଇଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତି ପୁରୁଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଆମ ହଜାର ହଜାର ବର୍ଷର ସଂସ୍କୃତିରେ ତୁଳସୀ ବୃକ୍ଷର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଆମ ଋଷିମାନେ ତୁଳସୀ ବୃକ୍ଷର ଔଷଧୀୟ ଗୁଣକୁ ଉପଲବ୍ଧି କରି ତା'ର ସୁରକ୍ଷା ପାଇଁ ଧାର୍ମିକ ଦୃଷ୍ଟିକୋଣ ଦ୍ୱାରା ସଚେତନତା ସୃଷ୍ଟି କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାବା ପରମାତ୍ମା ଦାସ, ବାବା ମଦନ ମୋହନ ଦାସ, ମାତା ମଧୁସ୍ମିତା ଦାସ, ବିକାଶ କୁମାର ସାହୁ, ନିରଞ୍ଜନ ବାଘ, ସତ୍ୟ ପଟ୍ଟନାୟକ, ଚିନ୍ମୟ ସାହୁ, ଶଙ୍କର୍ଷଣ ସାହୁ, ଦିପ୍ତିରଞ୍ଜନ ଦିକ୍ଷିତ, ରଶ୍ମିରଞ୍ଜନ ମଲ୍ଲ, ବୀଣାପାଣି ମହାନ୍ତି, ଅନନ୍ତ ନାରାୟଣ ମହାନ୍ତି, ରମାକାନ୍ତ ମହାନ୍ତି, ବିଭୂତି ଭୂଷଣ ସାହୁ, ପ୍ରଦୀପ ଦାସ ମହାପାତ୍ର, ପ୍ରମୋଦ ମହାନ୍ତି, ପ୍ରକାଶ ଦାସ, ଅରୁଣ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନନ୍ତ ବଳିଆ ବୈଦିକ ବିଦ୍ୟାପୀଠର ବ୍ରହ୍ମଚାରୀମାନେ ବେଦପାଠ କରିଥିଲେ।

# ବୁଦ୍ଧ ଜୟନ୍ତୀକୁ ବାର୍ଷିକ ସନ୍ଥ ଦିବସ ଭାବେ ପାଳନ ପାଇଁ ଦାବି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ତପୋଭୂମି ଭାରତବର୍ଷର ନାମ ଅତୀତରେ ଅଜନାଭ, ହିମବର୍ଷ, ଜମ୍ବୁଦ୍ୱୀପ ଓ ଆର୍ଯ୍ୟାବର୍ତ୍ତ ଥିଲା, ଯାହା ମୁନିଋଷି ତଥା ସିଦ୍ଧ ସନ୍ଥମାନଙ୍କ ପ୍ରଭାବ ପାଇଁ ପରିଚିତ। ସେମାନଙ୍କ ତ୍ୟାଗରୁ ମୁହଁ ନ ଫେରାଇ ଦେଶରେ ବହୁ ଦିବସ ପାଳନ ହେଉଥିବା ବେଳେ ବୁଦ୍ଧ ଜୟନ୍ତୀକୁ ବାର୍ଷିକ ସନ୍ଥ ଦିବସ ରୂପେ ପାଳନ କରାଯିବାକୁ ସଦ୍‌ଭାବନା ସମିତି ମହାମହିମ ରାଷ୍ଟ୍ରପତିଙ୍କ ଠାରେ ଦାବି କରିଛି।

ସାମାଜିକ ବିଷାଦ ବିରୋଧୀ ଆନ୍ଦୋଳନର ପ୍ରମୁଖ ସଂଗଠନ ସଦ୍‌ଭାବନା ସମିତି ଆନୁକୂଲ୍ୟରେ ୫୬୮ତମ ମାସିକ ସନ୍ଥ ଦିବସ ପୂର୍ଣ୍ଣିମା ତିଥିରେ ସ୍ଥାନୀୟ ଗୋପବନ୍ଧୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟ ସଭାରେ ଏ ମାସରେ ଭୂମିଷ୍ଠ ମହର୍ଷି ବାଲ୍ମୀକି, ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ ସହ ସମିତି ଦ୍ୱାରା ସ୍ଥାପିତ ଓଁକାର ପ୍ରତୀକ ଠାରେ ପବିତ୍ର ଗୀତା, ବାଇବେଲ୍ ଓ କୋରାନ ପୂଜନ କରାଯାଇଥିଲା। ଏ ମାସରେ 'ପାପ ପୁଣ୍ୟର ହିସାବ ଖାତା ନିଜ ପାଖରେ' ପ୍ରସଙ୍ଗ ରଖାଯାଇଥିଲା।

ସମିତିର ପ୍ରତିଷ୍ଠାତା ମାନବ ଧର୍ମର ମାନ୍ତ୍ରିକ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ କହିଥିଲେ ଯେ, ଲକ୍ଷେ ଜନମର ତପସ୍ୟା ଥିଲେ ବେରୋଜଗାରୀଙ୍କୁ ଦାନା କନା ଯୋଗାଇ ଦେଇ ମହିମ୍ନ ଅନ୍ନଦାତା ହେବାର ଯୋଗ୍ୟତା ଆସେ ଏବଂ ଏହା କେବଳ ଭୂମିରେ ଭୂମାମାନଙ୍କ ଦ୍ୱାରା ସମ୍ଭବ। ସେବକ ଶୋଷକ ନୁହେଁ, ବରଂ 'ଯେ କର୍ମ ଘେନି ଧନ୍ୟ ସେ ଧନୀ' ବକ୍ତବ୍ୟ ସ୍ଥାନ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ବିଚିତ୍ରାନନ୍ଦ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବର୍ଷିୟାନ ସାମ୍ବାଦିକ ଡ ବିଜୟ କୁମାର ଅଗ୍ରୱାଲା, ନନ୍ଦ କୁମାର ମହାପାତ୍ର, ଡ. ଶଶୀଧର ବିଶ୍ୱାଳ, ପ୍ରାଧ୍ୟାପକ ସୁନୀଲ କୁମାର ଜେନା, ରାଜେନ୍ଦ୍ର କୁମାର ସାମଲ, କୈବଲ୍ୟ ପ୍ରସାଦ ମହାପାତ୍ର ଏବଂ ଏସ.କେ. ନିଜାମ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସତ୍ୟାନନ୍ଦ ସେଜପଡା ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ପକ୍ଷରୁ ନିଶୁଳ୍କ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ : ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପକୃତ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ଥାନୀୟ ହରିଭବନଠାରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ନିଶୁଳ୍କ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ପ୍ରସ୍ତୁତି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ କଣ୍ଟାବାଞ୍ଜି ସହରର ବିଭିନ୍ନ ୱାର୍ଡର ୭୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ୫୦ରୁ ଅଧିକ ବରିଷ୍ଠ ନାଗରିକଙ୍କ ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ପ୍ରସ୍ତୁତ କରାଯାଇଥିଲା। ବରିଷ୍ଠ ନାଗରିକମାନେ ଯେପରି ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଜନାର ସୁବିଧା ପାଇପାରିବେ, ସେହି ଉଦ୍ଦେଶ୍ୟରେ ପ୍ରେସ କ୍ଲବ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା। ଅନେକ ଯୋଗ୍ୟ ହିତାଧିକାରୀ କାର୍ଡ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ସମୟ ଓ ଅନ୍ୟାନ୍ୟ ଅସୁବିଧା ଯୋଗୁଁ କାର୍ଡ ପ୍ରସ୍ତୁତ କରିପାରିନଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରେସ କ୍ଲବ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଏହି ସୁବିଧା ପହଞ୍ଚାଇବାକୁ ଶିବିରର ଆୟୋଜନ କରାଯାଇଥିଲା।



ଆୟୁଷ୍ମାନ ବୟୋ ବନ୍ଦନା କାର୍ଡ ଯୋଜନାରେ ୭୦ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଯୋଗ୍ୟ ବରିଷ୍ଠ ନାଗରିକମାନେ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କଭରେଜ୍ ସୁବିଧା ପାଇପାରିବେ। ଏହି କାର୍ଡ ଜରିଆରେ ଯୋଗ୍ୟ ହିତାଧିକାରୀ ମାନେ ତାଲିକାଭୁକ୍ତ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇ ଉପକୃତ ହୋଇ ପାରିବେ। ଏହି ଶିବିରରେ କଣ୍ଟାବାଞ୍ଜି ପ୍ରେସ କ୍ଲବର ସଭାପତି ସୁରଦାସ ବାଗ, ସମ୍ପାଦକ ସୁଶାନ୍ତ ବେହେରା, କୋଷାଧ୍ୟକ୍ଷ ହନି ସିଂହ, ଉପସଭାପତି ମନୋଜ ଶର୍ମା, ପୂର୍ବତନ ସଭାପତି ପ୍ରଭଜିତ ସିଂହ ସାଲୁଜା, ପରାମର୍ଶ-ଦାତା ଆଶିଷ ଖଇତାନ, ସଦସ୍ୟ ଦେବେଶ ସିଂଘଲ ଓ କମଲ ଅଗ୍ରୱାଲଙ୍କ ସମେତ ପ୍ରେସ କ୍ଲବର ଅନ୍ୟ ସଦସ୍ୟ ଏବଂ ସିଏସସି କେନ୍ଦ୍ରର ଅଶୋକ ରାଏ ଓ ଦୀପକ ପୁଟେଲ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହି ଶିବିର ଜାରି ରହିବା ସହ ଆବଶ୍ୟକତା ଅନୁଯାୟୀ ବରିଷ୍ଠ ନାଗରିକଙ୍କୁ ନିଶୁଳ୍କ ଘରୋଇ ସେବା ଯୋଗାଇ ଦିଆଯିବ ବୋଲି ପ୍ରେସ୍ କ୍ଲବ ସଭାପତି ସୁରଦାସ ବାଗ ସୂଚନା ଦେଇଛନ୍ତି।

ଭୁବନେଶ୍ୱର, ୨୭ ଅକ୍ଟୋବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ବାପୁଜୀନଗର ୟୁଥ୍ ଆସୋସିଏସନ,



ଅଶୋକ ନଗର ଲକ୍ଷ୍ମୀ ପୂଜା ସମିତି

ଗଜଲକ୍ଷ୍ମୀ ପୂଜା ଅବସରରେ ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ମହାଲକ୍ଷ୍ମୀ। (ଫଟୋ : ସମ୍ବାଦ କଳିକା)



ଗଜାନନ ଲକ୍ଷ୍ମୀପୂଜା ସମିତି
ସହିଦ ନଗର ଭବାନୀ ଏନ୍‌କ୍ଲଭ

## ମିଳିତ ଜାତିସଂଘରେ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ଅଭିଭାଷଣ

# ଯୁବ-ନେତୃତ୍ୱାଧୀନ ବିକାଶ ପ୍ରତି ଭାରତର ପ୍ରତିବଦ୍ଧତା ଉପରେ ଆଲୋକପାତ

**ନ୍ୟୁୟର୍କ, ୨୬/୧୦**

ନ୍ୟୁୟର୍କସ୍ଥିତ ମିଳିତ ଜାତିସଂଘରେ ଓଡ଼ିଆ ବୋହୂ ତଥା ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ ଅନ୍ତର୍ଭୁକ୍ତ ବିକାଶ, ମହିଳା ସଶକ୍ତିକରଣ ଏବଂ ଯୁବ-ନେତୃତ୍ୱାଧୀନ ବିକାଶ ପ୍ରତି ଭାରତର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି। ମିଳିତ ଜାତିସଂଘକୁ ଭାରତୀୟ ସଂସଦୀୟ ପ୍ରତିନିଧି ଦଳର ସରକାରୀ ଗସ୍ତ ସମୟରେ ଦଳର ନେତୃତ୍ୱ ନେଉଥିବା ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓ 'ଭାରତ-ମିଳିତ ଜାତିସଂଘ ବିକାଶ ଭାଗୀଦାରୀ ପାଣ୍ଠି'ର ନବମ ବାର୍ଷିକ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ବିକାଶ ସହଯୋଗ କ୍ଷେତ୍ରରେ ଭାରତର ଦୃଷ୍ଟିକୋଣକୁ



ଉପସ୍ଥାପନ କରିଥିଲେ। ସେ ନିଜ ଅଭିଭାଷଣରେ ପାରସ୍ପରିକ ସମ୍ମାନ, ଜାତୀୟ ମାଲିକାନା ଏବଂ ଭାଗୀଦାର ଦେଶଗୁଡ଼ିକର ପ୍ରାଥମିକତା ଉପରେ ଆଧାରିତ ସହଯୋଗ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦର୍ଶାଇଥିଲେ। ଏଥିସହ ସ୍ଥାନୀୟ ଆବଶ୍ୟକତାକୁ ଭିତ୍ତି କରି ସମାଧାନର ମାର୍ଗ ପ୍ରସ୍ତୁତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ତର୍ଭୁକ୍ତ, ସମାନତାଯୁକ୍ତ ଏବଂ ନିରନ୍ତର ବିକାଶକୁ ଆଗକୁ ବଢ଼ାଇବା ପାଇଁ ମହିଳା, ଯୁବବର୍ଗ ଏବଂ ଅବହେଳିତ ଗୋଷ୍ଠୀଙ୍କୁ ବିକାଶ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁରେ ରଖିବାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। 'ବସୁଧୈବ କୁଟୁମ୍ବକମ୍' - ଅର୍ଥାତ୍ ସମଗ୍ର ବିଶ୍ୱ ଏକ ପରିବାର - ଭଳି ଭାରତୀୟ ଦର୍ଶନକୁ ଆଧାର କରି ସେ ଏକ ଅଧିକ ଅନ୍ତର୍ଭୁକ୍ତ ଏବଂ ନିରନ୍ତର ଭବିଷ୍ୟତ ଗଠନ ଦିଗରେ ଅନ୍ତର୍ଜାତୀୟ ସହଯୋଗର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।

# ମହାକାର୍ତ୍ତିକ ଆରମ୍ଭ : ଶ୍ରୀକ୍ଷେତ୍ରରେ ୪୦୦୦ ହବିଷ୍ୟାଳୀ

**ପୁରୀ,୨୬/୧୦ ନ୍ୟୁଜ ବ୍ୟୁରୋ**

ହୁଳହୁଳିରେ କମ୍ପୁଛି ହବିଷ୍ୟାଳି ଶିବିର । ବ୍ରତଧାରୀଙ୍କ ଭଜନ ଜଣାଣ ପୁରୀରେ ଭରିଛି ଉନ୍ମାଦନା । କାର୍ତ୍ତିକ ବ୍ରତ କରିବା ପାଇଁ ହଜାର ହଜାର ହବିଷ୍ୟାଳିଙ୍କ ସୁଅ ଶ୍ରୀକ୍ଷେତ୍ରକୁ ଛୁଟିଛି। ସୋମବାରଠୁ ରାଇଦାମୋଦର ବ୍ରତ ଆରମ୍ଭ ହୋଇଛି। ରବିବାରଠାରୁ ପ୍ରାୟ ୪ ହଜାର ହବିଷ୍ୟାଳି ପୁରୀରେ ପହଞ୍ଚିଥିଲେ। ପାଖାପାଖି ୨୦୦୦ ହବିଷ୍ୟାଳି ସରକାରୀ ହବିଷ୍ୟାଳି ଶିବିରରେ ରହିଥିବା ବେଳେ ଅନ୍ୟମାନେ ବିଭିନ୍ନ ମଠ, ଆଶ୍ରମ ଓ ଧର୍ମଶାଳାରେ ରହିଛନ୍ତି। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ କଲେ କୋଟି ପୁଣ୍ୟ ମିଳେ। ଏହି ଆଶା ରଖି ରବିବାର ପୁରୀରେ ପହଞ୍ଚିଛନ୍ତି ହବିଷ୍ୟାଳି। ପ୍ରଶାସନ ପକ୍ଷରୁ ୩ଟି ସ୍ଥାନରେ ହବିଷ୍ୟାଳି କେନ୍ଦ୍ରରେ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା । ରବିବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୨୦୦୦ ଜଣ ହବିଷ୍ୟାଳି ସରକାରୀ ଶିବିରରେ ପହଞ୍ଚିଛନ୍ତି । ବୃନ୍ଦାବତୀ ନିବାସ ଶିବିରରେ ୧୦୪୪ ଜଣ, ରେଲୱେ ଟୁରିଷ୍ଟ କଂପ୍ଲେକ୍ସରେ ୫୧୮ ଓ ମୋଚିସାହି କଲ୍ୟାଣ ମଣ୍ଡପରେ ୪୫୦ ଜଣ ହବିଷ୍ୟାଳି ପଞ୍ଜୀକରଣ କରି ରହିଛନ୍ତି। ପୂର୍ବରୁ ପଞ୍ଜୀକରଣ କରିଥିବା ଏହି ହବିଷ୍ୟାଳିଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ଦେଇ ରୁମ୍‌ରେ ରଖାଯାଇଥିଲା। ସେମାନଙ୍କ ପାଇଁ ଦୈନିକ ନିଃଶୁଳ୍କ ମହାପ୍ରସାଦ ବ୍ୟବସ୍ଥା ମଧ୍ୟ କରାଯାଇଛି। ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟାରିକେଡ୍ ମଧ୍ୟ କରାଯାଇଛି। ଅନ୍‌ଲାଇନ୍‌ରେ ଆବେଦନ କରି ଯୋଗ୍ୟ ବିବେଚିତ ହବିଷ୍ୟାଳି ମା'ମାନେ ନିର୍ଦ୍ଧାରିତ କେନ୍ଦ୍ରମାନଙ୍କରେ ପଞ୍ଜୀକରଣ କରାଇଥିଲେ । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୋମବାର ସକାଳୁ ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ । ପଞ୍ଜୀକରଣ କାର୍ଯ୍ୟ ସହ ସମସ୍ତ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ । ସେହିଭଳି ପୁରୀର ବିଭିନ୍ନ ମଠ, ଆଶ୍ରମ, ଧର୍ମଶାଳାରେ ବି ହବିଷ୍ୟାଳି ଭିଡ଼ ଜମାଇଛନ୍ତି। ଗୋଏଙ୍କା ଧର୍ମଶାଳା, ଦୁଦୁୱାଲା ଧର୍ମଶାଳା ସମେତ ଅନ୍ୟାନ୍ୟ ଧର୍ମଶାଳାରେ ଶତାଧିକ ହବିଷ୍ୟାଳି ରହିଛନ୍ତି । ବିଭିନ୍ନ ମଠରେ ମଧ୍ୟ ହବିଷ୍ୟାଳି ଆସି ରହିଛନ୍ତି । ଏହି ହବିଷ୍ୟାଳିମାନେ ସୋମବାର ସକାଳୁ ସଂକଳ୍ପ କରି ବିଧିବଦ୍ଧ ଭାବେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ସଂକଳ୍ପ କରିଥିବା ହବିଷ୍ୟାଳିମାନେ ହବିଷ୍ୟାନ୍ନ କିମ୍ବା ମହାପ୍ରସାଦ ଖାଇଥିଲେ। ଅନ୍ୟପକ୍ଷରେ ସଂକଳ୍ପ ନ କରି କେବଳ ବ୍ରତ କରିଥିବା ହବିଷ୍ୟାଳି ଅରୁଆ ଓ ଶୁଦ୍ଧ ଖାଦ୍ୟ ଖାଇ ବ୍ରତ ପ୍ରଳନ କରୁଛନ୍ତି।

# ବାତ୍ୟା 'ଅର୍ଣ୍ଣବ' ମୁକାବିଲା : ଶକ୍ତି ବିଭାଗର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୬/୧୦**
**ନ୍ୟୁଜ ବ୍ୟୁରୋ**

ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଶକ୍ତି ବିଭାଗର ବିପର୍ଯ୍ୟୟ ପ୍ରଶମନ ଓ କାର୍ଯ୍ୟକ୍ଷମ ପ୍ରସ୍ତୁତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଜରୁରୀକାଳୀନ ସମୟକୁ ଗୁରୁତ୍ୱ ଦେଇ ବିଦ୍ୟୁତ୍ ଗ୍ରିଡ୍‌ର ସୁରକ୍ଷା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ଶୂନ୍ୟ ଜୀବନହାନୀ ସୁନିଶ୍ଚିତ କରିବା ପାଇଁ ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ।

ସେପଟେ ବାତ୍ୟା ସମୟରେ ପ୍ରତ୍ୟକ୍ଷ ଭାବେ ପରିଚାଳନା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କୋରାପୁଟଠାରେ ଉପସ୍ଥିତ ରହି ବାତ୍ୟାର ପ୍ରଭାବ ଉପରେ ନଜର ରଖିବେ ଏବଂ ଦକ୍ଷିଣ ଓଡ଼ିଶାରେ ଜରୁରୀକାଳୀନ କାର୍ଯ୍ୟର ନେତୃତ୍ୱ ନେବେ । ବିଦ୍ୟୁତ୍ ସେବା ଅବ୍ୟାହତ ରଖିବା ଓ ତୁରନ୍ତ ପୁନରୁଦ୍ଧାର ପାଇଁ ଓପିଟିସିଏଲ ପକ୍ଷରୁ ଏକ ବହୁସ୍ତରୀୟ କମାଣ୍ଡ ନେଟୱାର୍କ ସ୍ଥାପନ କରାଯାଇଛି, ଯେଉଁଥିରେ ଏସ୍‌ଟିଏଲ୍‌ଡିସି ଚାନ୍ଦକାଠାରେ ୨୪ ଘଣ୍ଟିଆ ଜରୁରୀକାଳୀନ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ, ନରେନ୍ଦ୍ରପୁରଠାରେ ଜୋନାଲ କଣ୍ଟ୍ରୋଲ ରୁମ୍ ଏବଂ ନରେନ୍ଦ୍ରପୁର, ଛତ୍ରପୁର, ଭଞ୍ଜନଗର, ଜୟନଗର, ମାଲକାନଗିରି, ଥେରୁବାଲି, କେସିଙ୍ଗା, ସମଙ୍ଗରା, ପାରାଦୀପ, ଭଦ୍ରକ ଓ ବାଲେଶ୍ୱର ଭଳି ୧୧ଟି ସମ୍ବେଦନଶୀଳ ସ୍ଥାନରେ ଫିଲ୍ଡ କଣ୍ଟ୍ରୋଲ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ସମସ୍ତ କମାଣ୍ଡ ୟୁନିଟ୍‌ରେ ଜରୁରୀକାଳୀନ ଡ୍ୟୁଟି ରୋଷ୍ଟର, ଯୋଗାଯୋଗ ବ୍ୟବସ୍ଥା, ବ୍ୟାକଅପ୍ ଡିଜେଲ ଜେନେରେଟର ଏବଂ ଡିସି ପାୱାର ସିଷ୍ଟମ୍ ପ୍ରସ୍ତୁତ ରଖାଯିବା ସହ ୮୩ ସେଟ୍ (୧୩୨ କେଭି, ୨୨୦ କେଭି ଓ ୪୦୦ କେଭି) ଜରୁରୀକାଳୀନ ଟାୱାର, ୧,୧୧୫ କିଲୋମିଟର ଦୀର୍ଘ କଣ୍ଡକ୍ଟର ଏବଂ ୯,୧୫୭ଟି ହାର୍ଡୱେର୍ ଫିଟିଂ ସେଟ୍ ବିଭିନ୍ନ ଡିପୋରେ ଆଗୁଆ ମହଜୁଦ ରଖାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି । ପାଣିପାଗ କୋହଳ ହେବା ମାତ୍ରେ ଶକ୍ତି ଭିତ୍ତିଭୂମିର ତୁରନ୍ତ ପୁନରୁଦ୍ଧାର କରାଯିବ ଏବଂ ଏଥିରେ ହସ୍ପିଟାଲ, ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀ ଭଳି ଜରୁରୀକାଳୀନ ସେବାକୁ ପ୍ରାଥମିକତା ଦିଆଯିବ। ଗ୍ରାହକମାନଙ୍କୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବାର ଆକଳନ ସମୟ ସମ୍ପର୍କରେ ସ୍ୱୟଂଚାଳିତ ଏସଏମଏସ ମାଧ୍ୟମରେ ଜଣାଯିବ । ଟିପିସିଓଡ଼ିଏଲ ପାଇଁ ବ୍ରହ୍ମପୁର, ଆମ୍ବଗଡ଼ଠାରେ କେନ୍ଦ୍ରୀୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଥିବା ବେଳେ ଗ୍ରାହକମାନେ ୯୧୨୪୨୯୩୩୧୪ କିମ୍ବା ଟୋଲ୍ ଫ୍ରି ନମ୍ବର ୧୯୧୨ / ୧୮୦୦୨୦୨୬ରେ ସମସ୍ୟା ନେଇ ସମ୍ପର୍କ କରିପାରିବେ । ରାଜ୍ୟର 'ଜୀବନରେଖା' ଭାବେ ବିଦ୍ୟୁତ୍ ଯୋଗାଣ ପ୍ରକ୍ରିୟାକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ସମୀକ୍ଷା ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ, ଟାଟା ପାୱାର ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।



ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର 'କଥା କଳିକା'ର ମହାପୂଜା ସଂଖ୍ୟା-୨୦୨୬ ଓ ପ୍ରମୁଖ ଦୈନିକ ଓଡ଼ିଆ ସମ୍ବାଦ ପତ୍ର 'ସମ୍ବାଦ କଳିକା' ସହ। (ଫଟୋ : ଅଜୟ ରଣା)

# ଏସ୍‌ସିବିରେ ଲିଫ୍ଟ ଯନ୍ତ୍ରଣା: ଅଧଘଣ୍ଟା ଫସି ରହିଲେ ୬ ଜଣ

**କଟକ, ୨୬/୧୦**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ପ୍ରମୁଖ ସରକାରୀ ଚିକିତ୍ସାନୁଷ୍ଠାନ ଏସ୍‌ସିବି ମେଡିକାଲରେ ରୋଗୀ ସେବାର ଭିତ୍ତିଭୂମିକୁ ନେଇ ପୁଣି ଉଠିଛି ପ୍ରଶ୍ନ। ହସ୍ପିଟାଲର ସର୍ଜରି ବିଭାଗ କୋଠାରେ ଲିଫ୍ଟ ଅଚଳ ହୋଇଯିବାରୁ ରବିବାର ସନ୍ଧ୍ୟାରେ ୬ ଜଣ ରୋଗୀଙ୍କ ସମ୍ପର୍କୀୟ ପ୍ରାୟ ଅଧଘଣ୍ଟା ଧରି ଭିତରେ ଫସି ରହିଥିଲେ। ଶେଷରେ ଅଗ୍ନିଶମ ବାହିନୀ ଓ ଲିଫ୍ଟ ମରାମତି କର୍ମଚାରୀଙ୍କ ଉଦ୍ୟମରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଏହି ଘଟଣା ପୁଣିଥରେ ମେଡିକାଲର ଲିଫ୍ଟ





ରକ୍ଷଣାବେକ୍ଷଣ ଓ ନିୟମିତ ଯାଞ୍ଚ ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଚିହ୍ନ ଲଗାଇଛି । ସୂଚନା ଅନୁଯାୟୀ, ସର୍ଜରି ବିଭାଗର ଜି+୨ କୋଠାରେ ଥିବା ଲିଫ୍ଟରେ ଯାତ୍ରା କରୁଥିବା ସମୟରେ ହଠାତ୍ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏହା ଅଚଳ ହୋଇଥିଲା। ଫଳରେ ଭିତରେ ଥିବା ଲୋକମାନେ ବାହାରକୁ ଆସି ନପାରି ଆତଙ୍କିତ ହୋଇପଡ଼ିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ଓ ଲିଫ୍ଟ ମରାମତି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସମୟର ଉଦ୍ୟମ ପରେ ଶେଖ୍ ମାୱାଜ୍ (୩୨), ରାଜ୍‌ଦା ବେଗମ୍ (୫୦), ପ୍ରଦ୍ୟୁମ୍ନ ମହାପାତ୍ର (୩୬), ବାଦଲ ଦାସ (୫୯), ବିମଳା ପ୍ରଧାନ (୪୨) ଓ ଶାନ୍ତନୁ ସାହୁ (୪୫)ଙ୍କୁ ଉଦ୍ଧାର କରାଯାଇଥିଲା। ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା।

# ଭୟାବହ ଅଗ୍ନିକାଣ୍ଡ : ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଭସ୍ମ

**ବରଗଡ, ୨୬/୧୦**
**ନ୍ୟୁଜ ବ୍ୟୁରୋ**

ସୋମବାର ସକାଳ ୧୦ ଘଣ୍ଟା ୧୫ ମିନିଟ ସମୟରେ ବରଗଡ଼ ବାନ୍ଧୁଟିକ୍ରା ସ୍ଥିତ ଶିକ୍ଷକ ହୃଦାନନ୍ଦ ବାରିକଙ୍କ ଘରେ ନିଆଁଲାଗି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି। ଦୀପାବଳୀ ଅବ୍ୟବହିତ ପୂର୍ବରୁ ଶିଶୁମାନେ ଖେଳୁଥିବା ବାଣରେ ଲାଗିଥିବା ନିଆଁ ଛିଟ୍‌କି ପୋର୍ଟିକୋରେ ଥିବା ପେଟ୍ରୋଲ ଗାଡି ମାନଙ୍କରେ ନିଆଁ ଲାଗିଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଘର ମାଲିକ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

ପୋର୍ଟିକୋରେ ହୁ ହୁ ହୋଇ ନିଆଁ



ଜଳୁଥିବା ଦେଖି ପଡୋଶୀ ଘର ମାଲିକ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ସେମାନେ ସାଙ୍ଗେ ସାଙ୍ଗେ ଆସି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିଶମ କର୍ମଚାରୀ ଆସିବା ପୂର୍ବରୁ ଚାରୋଟି ଦୁଇ ଚକିଆ ଯାନ, ଦୁଇଟି ଇନ୍‌ଭଟର, ଗୋଟିଏ ମୋଟର ପମ୍ପ, ଗୋଟିଏ କୁଲର, ଗୋଟିଏ ସାଇକେଲ ଏବଂ ଶ୍ରୀ ବାରିକଙ୍କ ଘରେ ଭଡାରେ ଥିବା ସଂଯୁକ୍ତା ପ୍ରଧାନ ସ୍କୁଲ କଲେଜଗୁଡିକୁ ଯୋଗାଇବା ପାଇଁ ରଖିଥିବା ପ୍ରାୟ ତିନି ଲକ୍ଷ ଟଙ୍କାର ପୋଷାକ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ବରଗଡ଼ ଟାଉନ ଥାନା ପୁଲିସ ସଦଳବଳେ ଆସି ପ୍ରାଥମିକ ତଦନ୍ତ କରି କ୍ଷୟକ୍ଷତିର ଆକଳନ କରୁଥିବାରୁ ତଦନ୍ତ ରିପୋର୍ଟ ଆସିଲାପରେ ପ୍ରକୃତ କ୍ଷୟକ୍ଷତି ଜଣାପଡିବ ।

## ୬୨ଗ୍ରାମ୍ ବ୍ରାଉନ୍ ସୁଗାର ଜବତ : ଜଣେ ଗିରଫ

**କଟକ, ୨୬/୧୦ ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲାର ବଡ଼ମ୍ବା ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବ୍ରାଉନ୍ ସୁଗାର ଜବତ କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କୁ କଟକସ୍ଥିତ ଜେଏମ୍‌ଏଫ୍‌ସି ଅଦାଲତକୁ ପଠାଯାଇଛି। ଅବକାରୀ ବିଭାଗର ରିପୋର୍ଟ ଅନୁଯାୟୀ, ସୋମବାର ସକାଳ ପ୍ରାୟ ୭ଟା ୨୦ ମିନିଟ୍‌ରେ ବଡ଼ମ୍ବା ବସ୍‌ଷ୍ଟାଣ୍ଡ ନିକଟସ୍ଥ କାଳୀ ମନ୍ଦିର ପାଖ ରାସ୍ତାରେ ଚଢ଼ଉ କରାଯାଇଥିଲା। ଅଭିଯୁକ୍ତ ଠାରୁ ୬୨ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଥିଲା। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ୭ ଲକ୍ଷ ୧୦ ହଜାର ଟଙ୍କା ହେବ।







# ଲକ୍ଷ୍ମୀ ଚାନ୍ଦ୍‌ଙ୍କୁ ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ କନକଲତା ଗଳ୍ପ ସମ୍ମାନ

**ଭୁବନେଶ୍ୱର, ୨୬/୧୦**
**ନ୍ୟୁଜ ବ୍ୟୁରୋ**

ସୋମବାର ଅପରାହ୍ଣରେ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଗୋଦାବରୀଶ ସାହିତ୍ୟ ସଂସଦ ପାଳନ କରିଛି ତା'ର ୬୯ ତମ ବାର୍ଷିକ ଉତ୍ସବ। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଗୋଦାବରୀଶ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ମଞ୍ଚାସୀନ ଥିଲେ ବିଶିଷ୍ଟ କଥାଶିଳ୍ପୀ ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ ବାଗ୍ମୀ, ସ୍ତମ୍ଭକାର ତଥା ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ, ସୁଲେଖିକା ସୁଲୋଚନା ଦାସ ପ୍ରମୁଖ। ଏହି ସଭାରେ ଗୋଦାବରୀଶ ସାହିତ୍ୟ ସଂସଦର ସଭାପତି ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ ସଭାପତିତ୍ୱ କରିଥିବାବେଳେ ସଂପାଦକ ଡକ୍ଟର ରାମଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।





ଅନୁଷ୍ଠାନର ସଦସ୍ୟାମାନେ ମନ୍ତ୍ର ଉଚ୍ଚାରଣ ଏବଂ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସୁଲୋଚନା ଦାସଙ୍କୁ ଗୋଦାବରୀଶ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଲକ୍ଷ୍ମୀ ଚାନ୍ଦଙ୍କୁ କନକଲତା ସ୍ମୃତି ସମ୍ମାନ (ଗଳ୍ପ) ପ୍ରଦାନ କରାଯାଇଥିଲା। ଏହା ସହ ରବି ଶତପଥୀଙ୍କୁ ଗୋଦାବରୀଶ କବିତା ସମ୍ମାନ, ଡକ୍ଟର ଦିବାକର ମାନସିଂହଙ୍କୁ ଗୋଦାବରୀଶ ଗଳ୍ପ ସମ୍ମାନ, ଡକ୍ଟର ବିରଞ୍ଚି କୁମାର ସାହୁଙ୍କୁ ଦୁର୍ଗାଚରଣ ସ୍ମୃତି ସମ୍ମାନ (ପ୍ରବନ୍ଧ), ନୀଳଲୋହିତ ସିଂହଦେବଙ୍କୁ ଗଗନ ବିହାରୀ ସ୍ମୃତି ସମ୍ମାନ(କବିତା), ସୁଶାନ୍ତ କୁମାର ନାୟକଙ୍କୁ ଶୈଳବାଳା ସ୍ମୃତି ସମ୍ମାନ (କବିତା), ସୌଦାମିନୀ ସାମନ୍ତରାୟଙ୍କୁ ଇଚ୍ଛାମଣି ଦେବୀ ସ୍ମୃତି ସମ୍ମାନ, ରଶ୍ମିରେଖା ବେହେରାଙ୍କୁ ପ୍ରଭାକର ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ୫୦ରୁ ଅଧିକ କବି ସ୍ୱରଚିତ କବିତାପାଠ କରି ପରିବେଶକୁ ବେଶ୍ ମନୋଜ୍ଞ କରିପାରିଥିଲେ। ସମସ୍ତ ଅତିଥି ଏବଂ ବକ୍ତା ଗୋଦାବରୀଶଙ୍କ ସାହିତ୍ୟ ଉପରେ ଏକ ଗମ୍ଭୀର ଆଲୋଚନା କରିଥିଲେ।






## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରି ପୋଡ଼ିଦେଲେ : ଦରପୋଡ଼ା କଙ୍କାଳ ଜବତ

## ମୁଖ୍ୟ ଅଭିଯୁକ୍ତ ଗିରଫ : ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ରାସ୍ତା ଅବରୋଧ

**ଜଳେଶ୍ୱର, ୨୬/୧୦**
**ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ପଶ୍ଚିମବାଡ ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଘରୁ ଡାକିନେଇ ଗଣଦୁଷ୍କର୍ମ କରିବା ଓ ପରେ ତାଙ୍କୁ ହତ୍ୟା କରି ଶବ ଜାଳିଦେବା ଭଳି ଘଟଣା ବାଲେଶ୍ୱର ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସପ୍ତାହକ ତଳେ ଜଳେଶ୍ୱର ଥାନା ଅଞ୍ଚଳରେ ଏହି ଲୋମହର୍ଷକ ଘଟଣା ଘଟିଥିବା ବେଳେ ସୋମବାର ତାହା ସାମ୍ନାକୁ ଆସିଛି। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ଛାତ୍ରୀଙ୍କ ଦରପୋଡ଼ା କଙ୍କାଳ ଜବତ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତ ଜଣକ ହେଲା କାହ୍ନୁ ଜେନା। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୁଲିସ ଛାନଭିନ୍ କରୁଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତ ଗିରଫ ହେବେ ବୋଲି ଜଳେଶ୍ୱର ଥାନା ଆଇଆଇସି ଅଶୋକ ବାରିକ କହିଛନ୍ତି। ପୁଲିସ ସୂତ୍ରରୁ ଜଣାଯାଇଛି ଯେ ୭ ଦିନ ତଳେ ଉକ୍ତ ଛାତ୍ରୀଙ୍କୁ କାହ୍ନୁ ଘରୁ ଡାକି ନେଇଥିଲା ବୋଲି ଉକ୍ତ ତଦନ୍ତରୁ ଜଣାପଡ଼ିଛି। ଉକ୍ତ ବିଭତ୍ସ ଘଟଣାକୁ ବିଭିନ୍ନ ମହଲରୁ ତୀବ୍ର ନିନ୍ଦା କରିବା ସହ ଅଭିଯୁକ୍ତମାନଙ୍କ ବିରୋଦ୍ଧରେ କଠୋର ଦଣ୍ଡ ବିଧାନ ପାଇଁ ଦାବି କରାଯାଇଛି।


## ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com